Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 242
Tuesday, 10 November 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌କୁ ରଦ୍ଦ କରାଯାଉ : ଚନ୍ଦ୍ରବାବୁ ନାଇଡୁ



ନୂଆଦିଲ୍ଲୀ, ୯/୧୧ (ନ୍ୟୁ.ଏ): ବିମୁଦ୍ରାକରଣର ଦର୍ଷ ପୂର୍ତ୍ତିର ଗୋଟିଏ ଦିନ ପରେ ବଡ଼ ଦାବି କରିଛନ୍ତି ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ । ଦୁର୍ନୀତିର ଧାରାକୁ ରଦ୍ଦ କରିବା ଓ ଗରିବମାନ ବିରୋଧ ପାଇଁ ବଜାରରେ ପ୍ରଚଳିତ ୫୦୦ ଓ ୨ ହଜାର ଟଙ୍କିଆ ନୋଟକୁ ରଦ୍ଦ କରାଯିବା ସପକ୍ଷରେ ମତ ରଖିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏରେ ଥିବା ମୁଖ୍ୟମନ୍ତ୍ରୀ ନାଇଡୁ । ଡିଜିଟାଲ ମୁଦ୍ରା ଓ ବୈଷୟିକ ଉତ୍ତିର ନୀତିର ଓକିଲାତି କରି ନାଇଡୁ କହିଛନ୍ତି ଯେ ସେ ଅତୀତ ଏହି ବିଷୟରେ ପ୍ରସ୍ତୁତ ରିପୋର୍ଟ ପାଇଁ ତଥ୍ୟ ଦେଇଥିଲେ ଓ ଏହାକୁ ବାରମ୍ବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ ନାଇଡୁ କହିଛନ୍ତି, "ଡିଜିଟାଲ ଜରେନ୍ସି ସମ୍ପର୍କରେ ରିପୋର୍ଟ ଦାଖଲକାରୀଙ୍କ ମଧ୍ୟରୁ ମୁଁ ଜଣେ ଥିଲି । ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏ ସମ୍ପର୍କରେ ବୃତ୍ତିର ବିଚାର ପାଇଁ ଅନୁରୋଧ କରିଥିଲି । ଏବେ ମୁଁ ପୁଣି ସମାନ ଦାବି ରଖୁଛି । ମୁଁ ଆଗକୁ ମଧ୍ୟ ଏହି ପ୍ରସଙ୍ଗ ଉଠାଇବି । ୫୦୦, ୧୦୦୦ ଓ ୨୦୦୦ ଟଙ୍କିଆ ନୋଟ୍ ରଦ୍ଦ ହେବା କଥା । କେବଳ ୧୦୦ ଓ ୨୦୦ ଟଙ୍କିଆ ନୋଟ ବଜାରରେ ପ୍ରଚଳିତ ହେଉ ।" ବିମୁଦ୍ରାକରଣର ୧୦ ବର୍ଷ ପୂର୍ତ୍ତିର ଗୋଟିଏ ଦିନ ପରେ ନାଇଡୁ ଏପରି ଦାବି କରିଛନ୍ତି । ୨୦୧୬ ମସିହା ନଭେମ୍ବର ୮ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ହଠାତ୍ ଦେଶବାସୀଙ୍କୁ ସମ୍ବୋଧନ କରି ସେତେବେଳେ ମାର୍କେଟରେ ପ୍ରଚଳିତ ୫୦୦ ଓ ୧୦୦୦ ଟଙ୍କିଆ ନୋଟର ଆଇନଗତ ବୈଧତା ରଦ୍ଦ ସମ୍ପର୍କରେ ଘୋଷଣା କରିଥିଲେ । କଳା ଧନ, ନକଲି ନୋଟ ଓ ଦୁର୍ନୀତି ବିରୋଧୀ ଲଢ଼େଇ ପାଇଁ ସରକାର ଏପରି ନିଷ୍ପତ୍ତି ନେଇଥିବା ସେ କହିଥିଲେ । ଏବେ ଟିଡିପି ମୁଖ୍ୟ ନାଇଡୁ ୫୦୦ ଓ ୨୦୦୦ ଟଙ୍କିଆ ନୋଟକୁ ରଦ୍ଦ କରିବା ସପକ୍ଷରେ ମତ ରଖିଛନ୍ତି । ସେ କହିଛନ୍ତି "ଯଦି ଟେକ୍ନୋଲୋଜିକୁ ଠିକ ଭାବେ କାର୍ଯ୍ୟ କରାଯିବ, ତା'ହେଲେ ଧନ ସୃଷ୍ଟି କରିବା ଅତ୍ୟନ୍ତର ହେବ ନାହିଁ । ଏଥିସହ ଗରିବୀ ଦୂରିକରଣ ମଧ୍ୟ ଆଉ ଜାହା ପାଇଁ ବ୍ୟାଲେଞ୍ଜ ସୃଷ୍ଟି କରିବ ନାହିଁ ।" ମୁଖ୍ୟମନ୍ତ୍ରୀ ନାଇଡୁଙ୍କ କହିବା କଥା ଯେ ବିଭିନ୍ନ ସ୍ତରରେ ପ୍ରଚଳିତ ବ୍ୟବସ୍ଥାରେ ତ୍ରୁଟି ଜାରଣରୁ ଦୁର୍ନୀତି ଗୋଟିଏ ଚକ୍ରରେ ପରିଣତ ହୋଇଯାଇଥିଲା । ଏହି ବ୍ୟବସ୍ଥାଗତ ତ୍ରୁଟିକୁ ଦୂର କରିବା ଓ ଉକ୍ତ ଚକ୍ରକୁ ରୋକ କରିବାର ଉପାୟ କଥା ସେ କହିଥିଲେ । ନାଇଡୁ ନିର୍ବାଚନ ରାଜନୀତିର ମୂଳ ଢାଂଚାରେ ପରିବର୍ତ୍ତନ ପାଇଁ ଆହ୍ୱାନ ମଧ୍ୟ ଦେଇଛନ୍ତି । ନିର୍ବାଚନ ଧନବଳ ବଦଳରେ ଜନସେବା ଦ୍ୱାରା ଅନୁପ୍ରାଣିତ ହେବା ଦରକାର । ଏନଡିଏ ନିର୍ବାଚନ ସମୟରେ ନଗଦ ଟଙ୍କା ଜାବଦାର ସଂସ୍କୃତି ଉପରେ ମୋଦ ଲଗାଇ ଗୋଟିଏ ନୂଆ ରାଜନୀତିକ ପରମ୍ପରାର ଶୁଭାରମ୍ଭ କରିଛି । ନିର୍ବାଚନ ଖର୍ଚ୍ଚ କମ ହେଲେ ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ପ୍ରତି ଅଧିକ ଉତ୍ତରଦାୟୀ ରହିପାରିବେ ବୋଲି ମଧ୍ୟ ସେ ଦଖେଣ୍ଡି କରିଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ଜିତିବା ପାଇଁ ପ୍ରବଳ ଟଙ୍କା ଖର୍ଚ୍ଚ କରିବାର ଆଶାୟୀ ବିଜୟ ଲାଭ କରିବା ପରେ ଉକ୍ତ ଟଙ୍କାକୁ କେମିତି ଫେରି ପାଇବେ, ସେହି ଲକ୍ଷ୍ୟରେ ରହୁଛନ୍ତି । ନିର୍ବାଚନ ଖର୍ଚ୍ଚ କମ ହେଲେ ଏହି ଧାରାରେ ରୋକ ଲାଗି ପାରିବ ଓ ଜନ ପ୍ରତିନିଧିମାନେ ଲୋକଙ୍କ ସେବା ଉପରେ ଫୋକସ କରିପାରିବେ ।

ଭାଗିରଥି ମାଣ୍ଡାଙ୍ଗୀ ହତ୍ୟା ମାମଲା : ଜେଲ ଗଲେ ଏନ୍ ଭାସ୍କର ରାଓ



ରାୟଗଡ଼ା, ୯/୧୧ (ଆ.ପ୍ର) : ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବତନ ରାଜ୍ୟସଭା ସାଂସଦଙ୍କ ଆତ୍ମସମର୍ପଣ ପରେ ରାୟଗଡ଼ା ଜେଲ୍ ହାଜତକୁ ଗଲେ ଭାସ୍କର ରାଓ । ପୂର୍ବରୁ ମିଳିଥିବା ଜାମିନ ରଦ୍ଦ କରିଥିବେ ସର୍ବୋଚ୍ଚ ନ୍ୟାୟାଳୟ । ୨୦୧୦ ମସିହାର ବହୁଚର୍ଚ୍ଚିତ ହତ୍ୟା ମାମଲା ପୁଣି ଚର୍ଚ୍ଚାରେ । ବହୁଚର୍ଚ୍ଚିତ ଆଦିବାସୀ ନେତା ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ବଡ଼ ଆଇନଗତ ପଘଶାକ୍ରମ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାୟଗଡ଼ା SDJM କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ । ପ୍ରାୟ ୧୬ ବର୍ଷ ପୂରୁଣା ଏହି ହତ୍ୟା ମାମଲାରେ ପୂର୍ବରୁ ଅଭିଯୁକ୍ତମାନଙ୍କୁ ମିଳିଥିବା ଜାମିନ ରଦ୍ଦ କରିବା ସହ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।ତାଙ୍କ ଅକ୍ଟୋବର ୨୬ ତାରିଖରେ ସୁପ୍ରିମକୋର୍ଟଙ୍କ ଜଷ୍ଟିସ୍ ସଞ୍ଜୟ କୁମାର ଓ ଜଷ୍ଟିସ୍ ସଞ୍ଜୀବ ସଚଦେବାଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ହାଇକୋର୍ଟଙ୍କ ଜାନୁଆରୀ ୨୨ ତାରିଖର ଆଦେଶର ଏକ ଅଂଶକୁ ରଦ୍ଦ କରିବା ସହ ଜାନୁଆରୀ ୩୦ରେ ରାୟଗଡ଼ା ଝଟ୍ଟଖିଗ କୋର୍ଟ ପ୍ରଦାନ କରିଥିବା ଜାମିନ ଆଦେଶକୁ ମଧ୍ୟ ରଦ୍ଦ କରିଥିଲେ ସର୍ବୋଚ୍ଚ ନ୍ୟାୟାଳୟ । ଏହି ମାମଲାରେ ଭାସ୍କର ରାଓଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଆଜୁଆ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଆଜୁଆ ଜାମିନ ଆବେଦନ ଖାରଜ କରିଥିବେ ମଧ୍ୟ ନିମ୍ନ ଅଦାଲତରେ ଆତ୍ମସମର୍ପଣ ପରେ ନିର୍ଦ୍ଦିଷ୍ଟ ସର୍ତ୍ତରେ ନିୟମିତ ଜାମିନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ଆଇନସଙ୍ଗତ ମାନେ କରିନଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଆଜୁଆ ଜାମିନ ଖାରଜ କରିବା ପରେ ନିମ୍ନ ଅଦାଲତ ଦେଇଛି ନିୟମିତ ଜାମିନ ଦେବେ, ତାହା ହାଇକୋର୍ଟ ପୂର୍ବରୁ ନିର୍ଦ୍ଧାରଣ କରିପାରିବେ ନାହିଁ । ସରକାରଙ୍କ ସହ ମତଭେଦ ରଖୁଥିବା ଲୋକଙ୍କୁ ଜିନ୍ ଜିନ୍ ନାମରେ ଚିହ୍ନିତ କରିବା ଏକ ଧାରା ପାଲଟିଛି ବୋଲି ଜୟଗାମ ଅଭିଯୋଗ କରିଛନ୍ତି ।

ଡାଉଁଶରେ ରାୟଗଡ଼ାର ଆଦିବାସୀ ନେତା ତଥା ମା' ମଣ୍ଡାଲିଆଣୀ ମନ୍ଦିରର ଟ୍ରଷ୍ଟି ଭାଗାରୁଣ୍ଡ ମାଣ୍ଡାଙ୍ଗି ନିଖୋଜ ହୋଇଯାଇଥିଲେ । ପରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଚୋଟାପଲ୍ଲୀ ଜଙ୍ଗଲାଞ୍ଚଳର ନିକଟରୁ ତାଙ୍କର ପୋଡ଼ା ମୃତଦେହ ଉଦ୍ଧାର କରାଯାଇଥିଲା । ମୃତଦେହର ମାଡ଼ଗୋଡ଼ ବନ୍ଧା ଅବସ୍ଥାରେ ଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଥିଲା । ମହିର ପରିବାରବର୍ଗରେ ଅନିୟମିତତା ବିରୋଧରେ ସ୍ୱର ଉଠାଇଥିବାରୁ ଭାଗାରୁଣ୍ଡଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଓ ଆଦିବାସୀ ସଂଗଠନ ଅଭିଯୋଗ କରିଥିଲେ । ଘଟଣାକୁ ନେଇ ରାୟଗଡ଼ାରେ ବ୍ୟାପକ ପ୍ରତିବାଦ ହୋଇଥିଲା । ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଂଚକୁ ଦିଆଯାଇଥିଲା । ମାମଲାରେ ନ୍ୟାୟ ପାଇଁ ଭାଗାରୁଣ୍ଡଙ୍କ ସାନଭାଇ ଜଗନ୍ନାଥ ମାଣ୍ଡାଙ୍ଗି ଦୀର୍ଘଦିନ ଧରି ଆନ୍ଦୋଳନ ଜାରିରଖିଥିଲେ । ୨୦୨୪ ନଭେମ୍ବର ୧୨ ତାରିଖରେ ରାୟଗଡ଼ା ଝଟ୍ଟଖିଗ କୋର୍ଟ ଭାସ୍କର ରାଓଙ୍କ ସମେତ ୫ଅଜଣାଙ୍କ ବିରୋଧରେ ଜାମିନଦିହାନ ଗିରଫ ପରୱାନା ଜାରି କରିଥିଲେ । ମାମଲାରେ ତଦନ୍ତ, ଅଘଟଣ, ଅପରାଧିକ ଷଡ଼ଯନ୍ତ୍ର ଓ ପ୍ରମାଣ ନଷ୍ଟ ସମ୍ପର୍କିତ ଦଫା ଲାଗିଛି । ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାସ୍କର ରାଓଙ୍କ ଆତ୍ମସମର୍ପଣ ମାମଲାରେ ଏକ ନୂଆ ଘଟଣାକ୍ରମ ଆଉକୁ ନିମ୍ନ ଅଦାଲତରେ ଜାମିନ ଓ ମାମଲାର ପରବର୍ତ୍ତୀ ଶୁଣାଣି ଉପରେ ନଜର ରହିବ ।

ଶ୍ରୀମନ୍ଦିର ମହାରେ ଦଲାଲ ବିକୁଛନ୍ତି ଅବଡ଼ା

ପୁରୀ , ୯/୧୧ (ଆ.ପ୍ର) : ମହାପ୍ରସାଦ ଯାହାକୁ ପାଇବାକୁ କାହିଁ କେତେ ଦୂରରୁ ଦୌଡ଼ି ଆସେ ଶ୍ରଦ୍ଧାରୁ, ଯାହାର ସ୍ପର୍ଶ ପିଇବା ପାଇଁ ଘଂଟା ଘଂଟା ଅପେକ୍ଷା କରେ ଭକ୍ତ ଦାଣ୍ଡ ଦୁଇରେ ଧରି ଶ୍ରୀମନ୍ଦିର ବାହାରେ ଚାଲି ଚାଲି ବିକ୍ରି ହେଉଛି । ଡାପୁରି ଚଢ଼ା ଦରରେ, ତଦବ୍ ଦରରେ । କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଆଘାତ ଦେବା ସହ ଶ୍ରୀମନ୍ଦିରର ସବୁ ନିୟମ କାନୁନକୁ ମାଡ଼ିମାଳଟି ଦେଉଛନ୍ତି ଦଲାଲ । ପବିତ୍ର କାର୍ତ୍ତିକ ମାସରେ ଦେଉଳ ଭିତରକୁ ଯାଇ ଭକ୍ତଙ୍କିଏ ଅବଡ଼ା କିଣି ନପାରିବାର ଫାଇଦା ଉଠାଇ ଏଭଳି କରୁଛନ୍ତି । ଗତକାଲି ଭିଡିଓ ଭାଇରାଲ୍ ହୋଇଥିଲା ଆଉ ଆଜି ଓଟିଭି କ୍ୟାମେରାରେ ଧରାପଡ଼ିଛି ଏସବୁ । ଜିଲ୍ଲାପାଳ କହିଛନ୍ତି ଦୋଷୀ ଦେବେ, ଯିଏ ଦିଇବ ତା ଉପରେ ଦେବ କାର୍ଯ୍ୟାନୁଷ୍ଠାନ । ଖାଲିରେ ବଡ଼ା ହୋଇଛି ଅବଡ଼ା, ଝୁଡ଼ିରେ ସଜା ହୋଇ ବୋଲି ଲାଗୁଛି । ଚାଲି ଚାଲି ବିକ୍ରି ହେଉଛି ମହାପ୍ରସାଦ । ଆଖିକୁ ବିଶ୍ୱାସ ହେଉନି, ମନ ମାନୁନି ତଥାପି ସତ ଘଟଣା । ପବିତ୍ର କାର୍ତ୍ତିକ ମାସରେ ଶ୍ରୀମନ୍ଦିର ବାହାରେ ଏମିତି ଝୁଡ଼ିରେ ସଜେଇ ଅବଡ଼ାକୁ ଖୁଲମ୍ ଖୁଲା ଖୁଟୁରାରେ ବିକ୍ରି ହେଉଛି । ଏ ବୃଦ୍ଧ ଗତକାଲି ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟର । ଜଣେ କି ଦୁଇ ଜଣ ନୁହେଁ ଏକାଧିକ ଏମିତି ଝୁଡ଼ିରେ ଅବଡ଼ା ବିକ୍ରି କରୁଛନ୍ତି । ଶହେରୁ ଦୁଇଶହ ପୁଣି କେତେବେଳେ ୫ ଶହ ଯିଏ ଯେମିତି ପାରିଲା, ଯେତେ ଟଙ୍କାରେ ପାରିଲା ବିକ୍ରି କଲା !...ମୋବାଇଲରୁ ମୋବାଇଲ୍ କୁ ଘୁରି ବୁଲୁଥିବା ଭିଡିଓ...ଯେ ତ ରହିଲା ଗତକାଲିର ଦୃଶ୍ୟ । ଆଜି ବି ସତ ପରଖିବାକୁ ଗଲା ବେଳକୁ ଓଟିଭି ଟିମକୁ ସମାନ ଦୃଶ୍ୟ ଦେଖିବାକୁ ମିଳିଲା । ଉତ୍ତର ଦ୍ୱାର ନିକଟରେ ଦେଖାନ୍ତୁ କେମିତି ଖଣ୍ଡି ଉପରେ ଖଣ୍ଡି ମାଟିପ୍ରସାଦ ଧରି ବାହାରକୁ ଆସୁଛନ୍ତି କିଛି ବ୍ୟକ୍ତି । ପୋଲିସ୍ ଅତବାଜଛି ତଥାପି ଶୁଣୁନାଛନ୍ତି । ଖାଦ୍ୟ ସ୍ଟୁଟ୍ ଭଳି ଶ୍ରୀମନ୍ଦିର ଭିତରରୁ ବୁହା ହୋଇ ପଡ଼ାକୁ ଆସୁଛି । ଚାଲା କିଛି ଦିନ ଧରି ଗାଡ଼ିମଡ଼ ଏମିତି ଚାଲୁଛି । ଶ୍ରୀମନ୍ଦିର ଭିତରରେ ପ୍ରବଳ ଭିଡ଼, ଭକ୍ତଙ୍କୁ କେବଳ ଅବଡ଼ା ପାଇବାକୁ ହେଲେ ଘଂଟା ଘଂଟା ଲାଇନ୍ ରେ ଛିଡ଼ା ହେବାକୁ ପଡୁଛି । ଆଉ ଏହାର ଫାଇଦା ଉଠାଇ କିଛି ଦଲାଲ ମାନେ ଏମିତି ବିକ୍ରି କରୁଛନ୍ତି ।

ଦେଶଦ୍ରୋହ ଅଭିଯୋଗ ନେଇ ମୋଦୀଙ୍କୁ ରାହୁଲଙ୍କ ଖୋଲା ଚ୍ୟାଲେଞ୍ଜ



ନୂଆଦିଲ୍ଲୀ, ୯/୧୧ (ନ୍ୟୁ.ଏ): ଦେଶଦ୍ରୋହୀ କିଏ ଏବଂ ବିଦେଶୀ ଶକ୍ତି ଦ୍ୱାରା କିଏ ନିୟନ୍ତ୍ରିତ, ତାହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରେ ସାମ୍ବାଦିକୀ ବିତର୍କ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ଛତିଶଗଢ଼ର ବସ୍ତର ଗସ୍ତ ସମୟରେ ମୋଦୀ ନକ୍ସଲ ସମର୍ଥକଙ୍କୁ ନେଇ ଦେଇଥିବା ମନ୍ତବ୍ୟର ଦିନକ ପରେ ରାହୁଲଙ୍କ ଏହି ଆହ୍ୱାନ ଜାତୀୟ ରାଜନୀତିରେ ନୂଆ ବିବାଦ ସୃଷ୍ଟି କରିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ରାହୁଲ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି । ଏଥିରେ ସେ ସିଆରପିଏଫ୍‌ର ମଧ୍ୟ ଟ୍ୟାଗ୍ କରିଛନ୍ତି । ରାହୁଲ କହିଛନ୍ତି, ଯବାନମାନଙ୍କ ମୃତ୍ୟୁରୁ ସତୁକିଛି ସ୍ପଷ୍ଟ ଜଣାପଡୁଛି । ସେମାନେ ପ୍ରଧାନମନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରୁନଥିବା ମନେ ହେଉଛି । ମୋଦୀ ଆମକୁ ନକ୍ସଳ ବୋଲି କହିଛନ୍ତି । ତେଣୁ କିଏ ଦେଶଦ୍ରୋହୀ ଏବଂ କିଏ ବିଦେଶୀ ଶକ୍ତିର ନିୟନ୍ତ୍ରଣରେ ରହିଛି, ସେ ନେଇ ତାଙ୍କ ସହ ବିତର୍କ କରିବାକୁ ମୁଁ ପ୍ରସ୍ତୁତ ବୋଲି ରାହୁଲ କହିଛନ୍ତି । ବିତର୍କ ପରେ ପ୍ରଧାନମନ୍ତ୍ରୀ କୌଣସି ଯବାଙ୍କୁ ସାମ୍ନା କରିବାକୁ ସାହସ କରିବେ ନାହିଁ ବୋଲି ମଧ୍ୟ ସେ ମନ୍ତବ୍ୟ ଦେଇଛନ୍ତି । ଭାଲ୍ୟୁଏସୋଗ୍ୟ, ରବିବାର ଛତିଶଗଢ଼ର ବସ୍ତର ଗସ୍ତ ସମୟରେ ମୋଦୀ ନକ୍ସଲବାଦ ପ୍ରସଙ୍ଗ ଉଠାଇଥିଲେ । ଜରଣପୁରସ୍ଥିତ

ସମ୍ବଲପୁର
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

"ଡେଥ ଭ୍ୟାକାନ୍ସି"ର ଯୁଗ ଶେଷ: ୫ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀ ପାଇବେ ଭତା: ଅନୀଲ ବିଶ୍ୱାଳ

ଭୁବନେଶ୍ୱର, ୦୯/୧୧ (ଆ.ପ୍ର) : ଗରିବ, ଅସହାୟ, ବୃଦ୍ଧା-ବୃଦ୍ଧ, ବିଧବା ଓ ଜିନ୍ସଗମମାନଙ୍କ ସାମାଜିକ ସୁରକ୍ଷା ଓ ଆର୍ଥିକ ସଶକ୍ତୀକରଣ ଦିଗରେ ରାଜ୍ୟରୀ ଜନତା ପାର୍ଟି ସରକାର ଏକ ଯୁଗାନ୍ତକାରୀ ତଥା ଐତିହାସିକ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଯାଇଛି । ପୂର୍ବତନ ବିଜୁ ଜନତା ଦଳ (ବିଜେଡି) ସରକାରଙ୍କ ସମୟର ଅମାନବୀୟ 'ଡେଥ ଭାକେନ୍ସି' ନିୟମ କାରଣରୁ ୫ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ ବର୍ଷ ବର୍ଷ ଧରି ଆବେଦନ କରି ମଧ୍ୟ ଭତା ପାଇପାରୁ ନଥିବା ଦୁଃଖିତ ଘୋଷ ରହିଥିଲେ । ୨୫ ବର୍ଷ କ୍ଷମତାରେ ଥିବା ବିଜେଡି ଉପର ବରାଦ ଅବହେଳତା ଅଭିଯୋଗ କରିଛି ଯେ ଭତା ପାଇଁ ଯେଉଁ "ଡେଥ ଭାକେନ୍ସି" ନିୟମ ଆଣିଥିଲା ତାହା ଠିକ୍ ଥିଲା କି? ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ଭୁଲ ନିୟମକୁ ଦୂରେଇ ଦେଇ ସମସ୍ତ ଅପେକ୍ଷାରତ ନୂତନ ଯୋଗ୍ୟ ହିତାଧିକାରୀ ଭତା ପାଇବା ପାଇଁ ରାସ୍ତା ପିଟିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖ୍ୟପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ପୂର୍ବର ବିଜେଡି ସରକାର ସମୟରେ ଜଣେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ଗରିବ ବ୍ୟକ୍ତି ନିଜର ଭତା ପାଇବା ପାଇଁ ଫାଇଦାୟକ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଯାଇଛି । ପୂର୍ବତନ ବିଜୁ ଜନତା ଦଳ (ବିଜେଡି) ସରକାରଙ୍କ ସମୟର ଅମାନବୀୟ 'ଡେଥ ଭାକେନ୍ସି' ନିୟମ କାରଣରୁ ୫ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ ଭତା ପାଇପାରୁ ନଥିବା ଦୁଃଖିତ ଘୋଷ ରହିଥିଲେ । ୨୫ ବର୍ଷ କ୍ଷମତାରେ ଥିବା ବିଜେଡି ଉପର ବରାଦ ଅବହେଳତା ଅଭିଯୋଗ କରିଛି ଯେ ଭତା ପାଇଁ ଯେଉଁ "ଡେଥ ଭାକେନ୍ସି" ନିୟମ ଆଣିଥିଲା ତାହା ଠିକ୍ ଥିଲା କି? ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ଭୁଲ ନିୟମକୁ ଦୂରେଇ ଦେଇ ସମସ୍ତ ଅପେକ୍ଷାରତ ନୂତନ ଯୋଗ୍ୟ ହିତାଧିକାରୀ ଭତା ପାଇବା ପାଇଁ ରାସ୍ତା ପିଟିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଏକ ପ୍ରେସ୍ ବିବୃତିରେ ରାଜ୍ୟ ମୁଖ୍ୟପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ପୂର୍ବର ବିଜେଡି ସରକାର ସମୟରେ ସାମାଜିକ ସୁରକ୍ଷା ବିଭାଗ ଓ ଜିନ୍ସଗମ ସୁରକ୍ଷା ବିଭାଗର ସମ୍ପୃକ୍ତ ବଜେଟ ୨୦୨୨-୨୩ର ବଜେଟ୍‌ରେ ଥିବା ୧,୧୦୯ କୋଟି ଟଙ୍କା ଏବଂ ୨୦୨୩-୨୪ର ବଜେଟ୍‌ରେ ଥିବା ୩,୨୬୦ କୋଟି ଟଙ୍କା ଥିଲା । ବିଜେପି ସରକାର ଆସିବା ପରେ ସାମାଜିକ ସୁରକ୍ଷା ଓ ଜିନ୍ସଗମ ସଶକ୍ତୀକରଣ ବିଭାଗର ବଜେଟକୁ ପାଖାପାଖି ତିନି ଗୁଣ ବୃଦ୍ଧି କରାଯାଇ ଏବେ ୯,୬୧୦ କୋଟି ଟଙ୍କାରେ ପହଁଚିଥିଲାଣି । ଯେଉଁମାନେ ଆଜି ବିରୋଧୀ ବଜରେ ବସି ଭୁ ମାର ଜାଉଛନ୍ତି ସେମାନେ ଉତର ଦେବାର ଆବଶ୍ୟକତା ରହିଛି କାଇଁକି ସେମାନଙ୍କ ସରକାରରେ ଏତେ କମ୍ ଅର୍ଥ ଭତା ବାବଦରେ ଖର୍ଚ୍ଚ ହେଉଥିଲା । ସାମାଜିକମାନଙ୍କ ପ୍ରଶ୍ନର ଉତରରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ବିଜୁ ଜନତା ଦଳ ଏବଂ କଂଗ୍ରେସ ରାଜନୈତିକ ଉଦ୍ଦେଶ୍ୟ ରଖି ସୋସିଆଲ ମିଡିଆରେ ଭତା ବନ୍ଦ ହେବାର ଏକ ମିଥ୍ୟା ଅପପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ବାସ୍ତବତା ହେଉଛି ଏନ୍‌ଏଏଏପିରେ ୨୦ ଲକ୍ଷ ୧୨ ହଜାର ୫୫୮ ବେନିଫିସିଆରୀ ଅଛନ୍ତି । ବିଜୁ ସମୟରେ ଜେରୁ ସରକାର ଲେଖାଇସି ଅପଡେଟ କରନ୍ତି, ବିଜିନ୍ସ ଯୋଜନାର ହିତାଧିକାରୀଙ୍କ ସମ୍ପୃକ୍ତ ତଥ୍ୟକୁ ଆଧାରରେ ପୁଙ୍ଖାନୁପୁଙ୍ଖ ଯାଂଚ କରନ୍ତି । ଜେରୁ ସରକାରଙ୍କ ଲେଖାଇସି ଅପଡେଟ୍ ପ୍ରକ୍ରିୟା ସମୟରେ ଏନ୍‌ଏଏପିର ୨୦ ଲକ୍ଷ ୧୨ ହଜାର ଅବସ୍ଥା ଦେଖି କଟକ ବଡ ଡାକ୍ତରଖାନାକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ । କମ୍ପାନୀ ଗାଡିରେ ପୁଣି ଆହତ ଯୁବକକୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଇ ଥିବା ଜଣାପଡ଼ିଛି । କାର୍ଯ୍ୟତଃ ଶ୍ରମିକର ପିଠି ଚଟକୁ ଅଂଟାରେ ଏକ ଧାରୁଆ ଲୁହା ଆଘାତ ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହେବାର ଖବର ମିଳିଛି । ସୂଚନା ଅନୁଯାୟୀ ଆହତ ଶ୍ରମିକଙ୍କ ଅବସ୍ଥା ଆଶଙ୍କାଜନକ ରହିଛି । ଏହି ଘଟଣାକୁ ନେଇ ଶ୍ରମିକ ମହଲରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଛି । ଶ୍ରମିକ ସଂଗଠନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି । ଆଜିର ଏହି ଘଟଣାକୁ ମୁଖ୍ୟ ସଙ୍ଗଠକ ସୁରେଶ ରାଉତରାୟ, ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେରଲପମେଣ୍ଟ ସଭାପତି ଗାୟତ୍ରୀ ଚରୁ ରାଉତରାୟ, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ଗାଉତରାୟ, ସମ୍ପାଦକ ଅଶ୍ୱିନୀ କୁମାର ଜେନା, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତି ଥିବା ବେଳେ ଜୀମସେନ ବିଶ୍ୱାଳ, ଭାସ୍କର ପ୍ରସାଦ ମହାପାତ୍ର, କାହ୍ନୁଚରଣ ଜେନା ଓ ଶଶାଙ୍କ ଶେଖର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ମହା ସିମେଂଟ କାରଖାନାରେ ଶ୍ରମିକ ଦୁର୍ଘଟଣା, ଉଚ୍ଚ ସ୍ତରୀୟ ତଦନ୍ତ ଲାଗି ଦାବି



ଛତିଆ, ୦୯/୧୧ (ଆ.ପ୍ର) : ବଡ଼ ଡଶା ବୁଲ୍ ଅନ୍ତର୍ଗତ ଦେରୀ ଝରିଆ ଠାରେ ମାର୍ଗ ଘୋମ୍ ଗ୍ରୁପର ନିର୍ମାଣ ଧୀନ ସିମେଂଟ କାରଖାନାରେ ଦିନକୁ ଦିନ ଶ୍ରମିକ ଦୁର୍ଘଟଣା ଦେଖାଦେକୁ ମିଳିଛି । ପ୍ରକାଶ ଗତକାଲି ମଧ୍ୟାହ୍ନ ଭୋଜନ ସମୟରେ କାରଖାନାର ନିର୍ମାଣାଧୀନ ସାଇଲୋରୁ ପାଖାପାଖି ୨୫ ଫୁଟ୍ ଉଚ୍ଚରୁ ପଡିଯାଇ ଖଜିରା ଗ୍ରାମର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଥିଲା । ପ୍ରଥମେ ଦୁରନ୍ତ ଆହତ ଯୁବକକୁ କମ୍ପାନୀ ଗାଡିରେ ଟାଙ୍ଗା ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲା, କିନ୍ତୁ ସେଠାରେ ଗୁରୁତର ଯୁବକର ଅବସ୍ଥା ଦେଖି କଟକ ବଡ ଡାକ୍ତରଖାନାକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ । କମ୍ପାନୀ ଗାଡିରେ ପୁଣି ଆହତ ଯୁବକକୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଇ ଥିବା ଜଣାପଡ଼ିଛି । କାର୍ଯ୍ୟତଃ ଶ୍ରମିକର ପିଠି ଚଟକୁ ଅଂଟାରେ ଏକ ଧାରୁଆ ଲୁହା ଆଘାତ ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହେବାର ଖବର ମିଳିଛି । ସୂଚନା ଅନୁଯାୟୀ ଆହତ ଶ୍ରମିକଙ୍କ ଅବସ୍ଥା ଆଶଙ୍କାଜନକ ରହିଛି । ଏହି ଘଟଣାକୁ ନେଇ ଶ୍ରମିକ ମହଲରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଛି, ସଂସ୍ଥା ଠିକ ଭାବରେ ମଜୁରୀ ମଧ୍ୟ ଦେଉ ନ ଥିବାରୁ ବହୁ କର୍ମଚାରୀ ଅଶାନ୍ତି ବ୍ୟକ୍ତ କରିଛନ୍ତି । କାରଖାନାରେ ଶ୍ରମିକମାନଙ୍କୁ ଆଠ ଘଂଟା କହି ୧୦ ଘଂଟା ଖଟାଉ ଛନ୍ତି, ଶ୍ରମିକ ମାନଙ୍କୁ ଦୈନିକ ମଜୁରୀ ୪୦୦ରୁ ୫୦୦ ଟଙ୍କା ପୁଣି ବୁଲ ମାସରେ ଦେଉଥିବା ଜଣାପଡ଼ିଛି । ଉଚିତ୍ ପ୍ରଘାନୁ ଚଂଟିତ ହେଉଛନ୍ତି ଶବ ଶବ ଶ୍ରମିକ । ବିଶେଷ କରି ଏହି କାରଖାନାରେ ଠିକା ସଂସ୍ଥାମାନଙ୍କ ମନମାନି ଯୋଗୁଁ ଶ୍ରମିକ ଶୋଷଣ କରାଯାଇ ଥିବା ଅଭିଯୋଗ ହୋଇଛି । ଲଦୁ ଗୁରାଣ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଉଚିତ ପ୍ରାପ୍ୟରୁ ବଂଚିତ ହେଉଥିବା ବେଳେ ଦିନା ପିରିତେ ଏତେ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି । ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଶ୍ରମିକମାନଙ୍କ ଜୀବନ ସହ ଖେଳ କରୁଥିବା ଠିକା ସଂସ୍ଥାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

ଜିଲ୍ଲାସ୍ତରୀୟ ଶିଶୁ ସୁରଭି ମହୋତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସିନାପାଲି, ୦୯/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଅର୍ମେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ସୁରଭି ମହୋତ୍ସବ-୨୦୨୬ରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସିନାପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅଭିନନ୍ଦନ ସମ୍ବର୍ଦ୍ଧନା ସମାରୋହ ମାଧ୍ୟମରେ ସମ୍ମାନିତ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ହୀରାଲାଲ ନିଆଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରୁ ଶିକ୍ଷକ କେଦାର ଗୌଡା ନାଗଧ୍ୱଜ ଜାଲ ପରିଚାଳନା କରିଥିବା ବେଳେ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ରାଜେ ସିନାପାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଉଚ୍ଚ ମୁଖ୍ୟବକ୍ତା ଭାବେ ଗୋବିନ୍ଦପୁର ଉଚ୍ଚ



ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାନନ୍ଦ ବାଗ୍ ଯୋଗ ଦେଇଥିଲେ । ସେହିପରି ପଞ୍ଚାୟତ ଅତିଥି ଭାବେ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଯଯାତି କେଶରୀ ନାରାୟଣ ଜାଲ, ସହଶିକ୍ଷକ ନିରାଳାର ସାଗର, ଯୁବ ସାମାଜିକ ଝଙ୍କେଶ୍ୱର ବଡିଖୋଲ, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ହଂସ, ବରିଷ୍ଠ ସହଶିକ୍ଷକ ବିଜୟ ସୁନାନା, ଶ୍ରୀଯୁକ୍ତ ତିଲକୁମାର ଚାଣ୍ଡି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିତ୍ୟ ପୁଜି, ନାଳୟର ଚିରା, ଓ ଶିଶୁସେବିକା ପ୍ରମୁଖ ମଂଚାସୀନ ଥିବେ । ସମାରୋହରେ ମୁଖ୍ୟ ଅତିଥି ଗହୀରଙ୍କ ସମେତ ମଂଚାସୀନ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଚୋଡ଼ା ପ୍ରଦାନ କରି ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ଆଗାମୀ ଦିନରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହ ଓ ପ୍ରେରଣା ଦିଆଯାଇଥିଲା । ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀନତାର ପ୍ରୋତ୍ସାହନ ଏବଂ ସାଂସ୍କୃତିକ ଦକ୍ଷତାର ପରିପ୍ରକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ଏକ ଉତମ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଭୋଟର ତାଲିକା ସର୍ଭେ ତଦାରଖ କଲେ ନିର୍ବାଚନ ଅଧିକାରୀ


ଡି.ଉଦୟଗିରି, ୦୯/୧୧ (ଆ.ପ୍ର) : ଆସନ୍ତା ନିର୍ବାଚନ ପୂର୍ବରୁ ସମସ୍ତ ଭୋଟରମାନଙ୍କ ସଠିକ ତାଲିକା ନିମନ୍ତେ ପ୍ରାଜ୍ଞାପିତ ଅଂଚଳ



ପରିକ୍ଷରଣ ବୁଥ ଅନୁଯାୟୀ ସମ୍ପୃକ୍ତ ୧୩ ଟି ଖ୍ୟାତ୍ତ ଜାତିର ଭୋଟର ମାନଙ୍କୁ ନେଇ ଚାଲିଥିବା ଡୋର୍‌ଟୁ ଡୋର୍ ସର୍ଭେ କାର୍ଯ୍ୟର ଅନୁଧ୍ୟାନ ଓ ତଦାରଖ ନିମନ୍ତେ ନିର୍ବାଚନ ଅଧିକାରୀ ଡେପୁଟି କଲେକ୍ଟର ପ୍ରରାଜର ଦତ ଏବଂ ସ୍ଥାନୀୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ ଜଣ ବିଜିନ୍ନ ଖ୍ୟାତି ପରିଦର୍ଶନ କରିଥିଲେ । ଏହି ଅବସରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବୁନିୟର ଆସିଷ୍ଟାଂଟ ସୋମ୍ୟ ରଞ୍ଜନ ପାତ୍ର, ଏନଏସି ବିଂଶଭୂ ସୁପରଭାଇଜର ସାଶୁନ୍ଦ୍ର କୁମାର ପ୍ରଧାନ, ବିଜିନ୍ନ ବୁଥର ବିଏଲ୍‌ଓ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ଉପସ୍ଥିତ ଥିବା ବେଳେ ଅଧିକାରୀ ମାନେ ସର୍ଭେ ବିଷୟରେ ଆଲୋଚନା କରିଥିଲେ ।

ଗଣିଆ ଲକ୍ଷ୍ମୀ ବଜାରରେ କାଳୀପୂଜା ଧୁମଧାମରେ ପାଳିତ


ଗଣିଆ, ୦୯/୧୧ (ଆ.ପ୍ର) : ଗଣିଆ ଚଉବଟ୍ଟା ଛକରେ ଥିବା ଲକ୍ଷ୍ମୀ ବଜାର ପୂଜା ମଣ୍ଡପରେ ଜାକଜମକ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ବଜାର କମିଟି ସହଯୋଗରେ ଦୀର୍ଘ ୧୬ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି । ରବିବାର ମଧ୍ୟ ରାତିରେ



ସ୍ଥାନୀୟ ଘାଟଗୋଳା ଜାଳ ପରିସରରୁ କଳସାରେ ଜଳ ଆଣି ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଘଂଟ ଘଂଟା ଶଙ୍ଖ ନାଦରେ ପୂଜାସ୍ଥଳ ଜମି ଉଠିଥିଲା । ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଜଡୀ ରାତିରେ ବିଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ । ବଡ ଡୋରୀ ସଂଗଠନ ଆୟୋଜନ କରିଥିଲେ । ଚଉବଟ୍ଟା ଛକ ଗଣିଆରେ ଗୋଟିଏ ଛୋଟିଆ ବଜାର ହୋଇଥିଲେ ମଧ୍ୟ ବ୍ୟବସାୟୀମାନଙ୍କ ସହଯୋଗରେ ପ୍ରତି ବର୍ଷ ଏଠାରେ କାଳୀପୂଜା ପାଳିତ ହୋଇଥାଏ । ଦୁଇ ଦିନ ଧରି ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ବୁଧବାର ଭାରାଣି ହେବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମକୁ ବଜାର ସଭାପତି ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ପରମାନନ୍ଦ ସାହୁ, କୋଷାଧ୍ୟକ୍ଷ ବିପିନ କୁମାର ମହାପାତ୍ର,ମନସ କୁମାର ବେହେରା, ରବିନ୍ଦ୍ର କୁମାର ମହାରଣା ପ୍ରମୁଖ ପରିଚାଳନା କରୁଥିବା ଜଣାପଡିଛି । ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସଆଇ ଶାରା ଆଲାମ ଖାଁ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ ।

ଖୋରଧାରେ ଯୋଗଦେଲେ ନୂତନ ଅତିରିକ୍ତ ଜିଲ୍ଲାପାଳ

ଖୋରଧା, ୦୯/୧୧ (ଆ.ପ୍ର) : ଖୋରଧା ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଭାରେ ଜୈନାସ ଚନ୍ଦ୍ର ଦାସ ଯୋଗଦାନ କରି ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାମ୍ବାଦ ମଣ୍ଡି ପ୍ରଧାନଙ୍କ ପାଦ ପରିନ୍ଦ୍ରେ ରାଜସ୍ୱ ଗ୍ରାଣ କରିଛନ୍ତି । ଶ୍ରୀ ଦାସ ଓଡ଼ିଶା ପ୍ରଶାସନିକ



ସେବାର ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର ଦେଖି ସୁନାମ ରହିଛି । ଓଡ଼ିଶା ପ୍ରଶାସନିକ ସେବାରେ ଶିକ୍ଷା ବିଭାଗ, ରାଜସ୍ୱ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବିଜିନ୍ନ ଜିଲ୍ଲା ଓ ରାଜ୍ୟ ସରକାର ମହକୁମା ଓ ଜିଲ୍ଲା ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଥିବା ଶ୍ରୀ ଦାସ ଜଣେ ଦକ୍ଷ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ ।

ଓରମାସ୍, ଜଗତସିଂହପୁର ପକ୍ଷରୁ ଦୀପାବଳି ଉତ୍ସବ ଷ୍ଟଲ୍ ଉଦ୍‌ଘାଟିତ

ଜଗତସିଂହପୁର, ୦୯/୧୧ (ଆ.ପ୍ର) : ଜଗତସିଂହପୁର ପୌରପାଳିକା କାର୍ଯ୍ୟାଳୟ ପଡ଼ୁଆରେ ଗତକାଲି ଓରମାସ୍, ଜଗତସିଂହପୁର ପକ୍ଷରୁ ସ୍ଥାପିତ ଦୀପାବଳି ଉତ୍ସବ ଷ୍ଟଲ୍‌ର ଆନୁଷ୍ଠ ପିନ୍ଧେ, ଓଇଟ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼ ନିତିଶା ଅଧିକାରୀ, ଜିଲ୍ଲା ପରିଷଦ, ଜଗତସିଂହପୁର ଙ୍କ ଦ୍ୱାରା ଉଦ୍?ଘାଟନ କରାଯାଇଥିଲା । ଏହି ଅବସରରେ ମଧୁସୂଦ୍ଦା ସାହୁ, ଉପମୁଖ୍ୟ ନିତୀଶା ଅଧିକାରୀ, ଓରମାସ୍, ଜଗତସିଂହପୁର ଏବଂ ଅନ୍ୟାନ୍ୟ ଓରମାସ୍ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଷ୍ଟଲ୍‌ରରେ ଆନୁଷ୍ଠାନିକ ଭାବେ ଗୁଡ଼ାକୁ ଉତ୍ସାହ ପ୍ରଦାନ କରିଥିବା ଗୋଷ୍ଠୀର ସଦସ୍ୟମାନଙ୍କ ଉଦ୍ୟମ, ପରିଶ୍ରମ ଓ ଉତ୍ପାଦକୁ ଉଚ୍ଚ ପ୍ରଶଂସା କରିଥିଲେ ।



ସ୍ଥାନୀୟ ଉତ୍ପାଦର ପ୍ରଚାରପ୍ରସାର ଏବଂ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଉତମ ବଜାର ସୁଯୋଗ ପ୍ରଦାନ ଦିଗରେ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ଏହି ଷ୍ଟଲରେ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଟେରାକୋଟା ସାମଗ୍ରୀ, ପାରମ୍ପରିକ ଦାସ, ମହମଡବା, ଝାଡୁ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରାଯାଇଛି । ଏହି ଷ୍ଟଲ୍ ସ୍ଥାନୀୟ କାରିଗର, ମହିନା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ନିଜ ଉତ୍ପାଦର ବଜାର ସମ୍ପ୍ରସାରଣ ଓ ଆୟ ବୃଦ୍ଧି ନିମନ୍ତେ ଏକ ଉତମ ମଂଚ ପ୍ରଦାନ କରୁଛି । ଓରମାସ୍‌ର ଏହି ପଦକ୍ଷେପ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ ସୃଷ୍ଟି, ମହିନା ଉଦ୍ୟୋଗୀର ପ୍ରୋତ୍ସାହନ, ଗ୍ରାମୀଣ ଜୀବିକାର ମାନ ବୃଦ୍ଧି ଏବଂ "ଭୋକାଲ୍ ଫର୍ ଲୋକାଲ" ଅଭିଯାନକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ । ଓରମାସ୍, ଜଗତସିଂହପୁର – ସ୍ଥାନୀୟ ଉତ୍ପାଦର ପ୍ରୋତ୍ସାହନ, ଗ୍ରାମୀଣ ଉତ୍ପାଦ



ସମ୍ପାଦକୀୟ
ଆରମ୍ଭ
SEITHO ARAMBHA



ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ, ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଜନ୍ମଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ହେବେ ସାମିଲ

ନୀଳଗିରି, ୦୯/୧୧ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଜି ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ରହିଥିଲା ବେଳେ ଅପରାହ୍ନରେ ନୀଳଗିରି ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି । ତେବେ ଏହି ଗସ୍ତକୁ ନେଇ ନୀଳଗିରିରେ ଚୋରାଦାର ପ୍ରସ୍ତୁତି ଚାଲିଛି । ବାଲେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବୃତ୍ତାନ୍ତ ହୋଇଥିବା ବେଳେ ସେଠାରେ ଉତ୍ତା ଓ ବିଜିନ୍ନ ପ୍ରକଳ୍ପର ଶିଳାନ୍ୟାସ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଆଜି ବାଲେଶ୍ୱର ସାଂସଦଙ୍କ ୭୨ତମ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଓ ମଡିକାଙ୍କୁ ସିଲାଇ ମେସିନ ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅନୁରୋଧ ରକ୍ଷାକରି ସେ ନୀଳଗିରି ଗସ୍ତରେ ଆସିବାପାଇଁ ଏକପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବିଶେଷସୂତ୍ରରୁ ଜଣାଯାଇଛି । ତେବେ ନିର୍ଦ୍ଦିଷ୍ଟ ସମୟ ଚୂଡାନ୍ତ ହୋଇନଥିବା ବେଳେ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି



ହୋଇଛି ।ପ୍ରଥମେ ନୀଳଗିରି ଜଲେଜ ପରିସରରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ହେଲିକପ୍ଟର ଯୋଗେ ଅବତରଣ କରିବେ । ସେଠାରୁ ସଡ଼କ ପଥରେ ନୀଳଗିରି ବ୍ଲାକ ଗଙ୍ଗଧରାରେ ପହଂଚିବେ । ଆୟୋଜିତ ଜନ୍ମଦିନ ଅବସରରେ ଏକ ବିଜ୍ଞାନ ଉତ୍ତଯାତ୍ରା ଶିବିରରେ ଯୋଗଦେଇ ଉତ୍ତଯାତ୍ରାକୁ ଉଦ୍ଘାଟିତ କରିବାସହ ବେଳକ ନୀଳଗିରି ଗସ୍ତରେ ଆସିବାପାଇଁ ଏକପ୍ରକାର ବୁଝର ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସିଲେଇ ମେସିନ୍ ପ୍ରଦାନକରିବାର କାର୍ଯ୍ୟକ୍ରମ ରହିଛି । ଏଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହେବାସହ ନିଜର ରୋଜଗାର ବୃଦ୍ଧି କରିପାରିବେ ବୋଲି ଆଶା ରହିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବାପାଇଁ ବ୍ଲାକ ଗଙ୍ଗଧରାଠାରୁ ଆରମ୍ଭକରି ଜଲେଜ ପରିସରରେ ଥିବା ଅସ୍ଥାୟୀ ହେଲିପ୍ୟାଡ୍ ପର୍ଯ୍ୟନ୍ତ ସବୁଠି ପ୍ରସ୍ତୁତି ଚୋରାଦାର ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଅଖିଘାରେ ରଖି ବାଲେଶ୍ୱର ଜିଲ୍ଲାପାଳ ପୂର୍ଯ୍ୟବଂଶୀ ମୟୂର ବିକାଶ,ବାଲେଶ୍ୱର ଏମାଜଲେଜ୍‌ରି ଅଧିକାରୀ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ବିଡ଼ିଓ ବିକ୍ରମ କିଶୋର ପରିଡା,ଏନଏସି ନିବାହୀ ଅଧିକାରୀ ଅଂଶୁମାନ ପରିଡା, ନୀଳଗିରି ପୋଲିସ ସମେତ ପୂର୍ତ୍ତବିଭାଗ ଓ ବିଜିନ୍ନ ବିଭାଗର ଅଧିକାରୀ ତଦାରଖ କରିଛନ୍ତି ।

ବାର୍ଷିକ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ନୀଳଗିରି, ୦୯/୧୧ (ଆ.ପ୍ର) : ୬ ତାରିଖ ଶୁକ୍ରବାର ଅପରାହ୍ନ ୪ଘଣ୍ଟିକା ସମୟରେ ଉତ୍କଳର ଟାଉନ୍ ହାଇସ୍କୁଲ ଡାଲିଗୋହିରି ନୀଳଗିରି ଠାରେ ଗାତା ଦେବ ଯୋଗ ଲାଉତାୟ ସଂସ୍କାର ସଂସ୍କୃତି ନିଶ୍ପୁଣ୍ଡ ପାଠଶାଳା ର ତୃତୀୟ ବାର୍ଷିକ ଉତ୍ସବ ଓ ସାଧାରଣ ସାଧାରଣ ସମନ୍ୱୟ ସମିତି, ନୀଳଗିରି ବାଲେଶ୍ୱର ର ଦଶମ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅନୁଷ୍ଠାନ ର ସ୍ଥାପୀ ସଭାପତି ବିନୋଦ ବିହାରୀ ପଣ୍ଡା ସଭାପତିତ୍ୱ କରିଥିଲେ । ପ୍ରଥମେ ଓମ୍ କାର ଓ ସୁଭାଷିନୀ ଜୀ ଙ୍କ ପ୍ରକ୍ କଥନ ପରେ ସଭାପତି ମହୋଦୟ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇ ଥିଲେ । ଉଭୟ ଅନୁଷ୍ଠାନ ର ମିଳିତ ବାର୍ଷିକ ଉତ୍ସବ ପୂର୍ବ ବର୍ଷ ଭଳି ପାଳିତ ହେବ । ଛାତ୍ର/ଛାତ୍ରୀଙ୍କ ମଧ୍ୟ ରେ ଜଡିତା ପାଠ ପୂଜି ଯୋଗୀତା ଓ ଗୀତା, ବେଦ ପ୍ରତି ଯୋଗୀତା ପୂର୍ବ ବର୍ଷ ଭଳି ଅନୁଷ୍ଠିତ ହେବ । କୃତି ପ୍ରତିଯୋଗୀ ମାନଙ୍କୁ ଉତ୍ସବ ଦିନ ପୁରସ୍କୃତ କରାଯିବ । ସର୍ବମୋଟ ଦୁଇ ଟି ଅଧିବେଶନ ହେବ । ପ୍ରଥମ ଅଧିବେଶନ ରେ ଗୀତା ବେଦ ଓ ବିଦ୍ୟାର ଅଧିବେଶନରେ ସାରସ୍ୱତ ଛାତ୍ରାବାସ, ସମ୍ବର୍ଦ୍ଧନା, ପଡ଼ିଆ ଉନ୍ମୋଚନ ଓ ପୁସ୍ତକ ଉନ୍ମୋଚନ ହେବ ବୋଲି ନିଷ୍ପତ୍ତି ନିଆଗଲା । ଏହି ବୈଠକରେ ବିନୋଦ ବିହାରୀ ପଣ୍ଡା, ଉତ୍ତମ କୁମାର ବିଶ୍ୱାଳ, ସୁଭାଷିନୀ ଜୀ, ଜୟନ୍ତୀ ପ୍ରଧାନ,ଶରତ କୁମାର ମହାପାତ୍ର,ଶିବ ସୁନ୍ଦର ସାହୁ, ଜ୍ୟୋତ୍ସ୍ନା ରାୟ ଜଡ଼ଏଟି ସଭ୍ୟ ସଭ୍ୟା ଉପସ୍ଥିତ ରହି ନିଜର ବହୁ ମୂଲ୍ୟ ମତାମତ ପ୍ରଦାନ କରିଥିଲେ । ଶେଷ ରେ ଶିବ ସୁନ୍ଦର ସାହୁଙ୍କ ଧନ୍ୟବାଦ ପରେ ସଭାପତି ସଭା ସାଙ୍ଗ କରିଥିଲେ ।

ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଶୁଭ ଜନ୍ମଦିନ ଅବସରରେ ନୀଳଗିରିରେ ମାଲ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

ନୀଳଗିରି, ୦୯/୧୧ (ଆ.ପ୍ର) : ଆସନ୍ତା ନଭେମ୍ବର ୧୦ ତାରିଖ, ମଙ୍ଗଳବାର ଦିନ ମାନନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଶୁଭ ଜନ୍ମଦିନ ଅବସରରେ ନୀଳଗିରିପାରେ ଏକ ବିଜ୍ଞାନ ଉତ୍ତଯାତ୍ରା ଶିବିର ସମେତ ବିଜିନ୍ନ ଜନଜଲ୍ୟାଣମୂଳକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱରଠାରେ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟକ୍ରମ ସମାପନ କରିବା ପରେ ଅପରାହ୍ନ ୨ଟା ସମୟରେ ନୀଳଗିରିପାରେ ଉପସ୍ଥିତ ରହି ବିଜ୍ଞାନ ଉତ୍ତଯାତ୍ରା ଶିବିରକୁ ଉଦ୍‌ଘାଟନ କରିବା ସହ ଉତ୍ତଯାତ୍ରାଦାମାନଙ୍କୁ ଉଦ୍ଘାଟିତ କରିବେ । ଏହି ଗୌରବମୟ ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ରାମ ଖୁଣ୍ଟିଆ, ପ୍ରତାପ ଜଳଦେବରାୟ, ଲବୁକର ସାଂସଦଆଦିମମ୍ୟୁ ସେଠୀଙ୍କ ସମେତ ବହୁ ବିଧାୟକ ଓ ଜନପ୍ରତିନିଧିମାନେ ଯୋଗଦାନ କରିବେ । ଏଥିସହିତ ମାନନୀୟ ସାଂସଦଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସିଲେଇ ମେସିନ୍ ବଂଟନ ଏବଂ ଅନ୍ୟାନ୍ୟ ଜନହିତକର ସାମାଜିକ କାର୍ଯ୍ୟକ୍ରମରେ ମାନ୍ୟବର ଅତିଥିମାନେ ଯୋଗଦାନ କରିବେ ।

ବାଲେଶ୍ୱର ବ୍ୟାଡମିଂଟନର ଚମକ : ରାଜ୍ୟ ଚାମ୍ପିଅନସିପରେ ୪ ପଦକ, ଜାତୀୟ ପ୍ରତିଯୋଗିତାକୁ ଦୁଇ ଖେଳାଳି ମନୋନୀତ

ବାଲେଶ୍ୱର, ୦୯/୧୧ (ଆ.ପ୍ର) : ରାଜ୍ୟ ବ୍ୟାଡମିଂଟନ ସଂଘରେ ପୁଣିଥରେ ନିଜର ପ୍ରତିଭା ଓ ପାରଦର୍ଶୀତା ପ୍ରଦର୍ଶନ କରିଛନ୍ତି ବାଲେଶ୍ୱରର ଉତ୍ତାୟମାନ ବ୍ୟାଡମିଂଟନ ଖେଳାଳି । ସଦ୍ୟ ସମାପ୍ତ ଅଲ୍ ଓଡ଼ିଶା ଜଏଣ୍ଟ ସବ୍-ଜୁନିୟର (୧୫ ଓ ୧୭ ବର୍ଷରୁ କମ୍) ରାଜ୍ୟ ବ୍ୟାଡମିଂଟନ ଚାମ୍ପିଅନସିପରେ ବାଲେଶ୍ୱରର ଖେଳାଳିମାନେ ମୋଟ ଚାରିଟି ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏଥିସହ ଦୁଇ ଜଣ ଖେଳାଳି ଜାତୀୟ ସବ୍-ଜୁନିୟର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ୧୫ ବର୍ଷରୁ କମ୍ ବୟସ ବର୍ଗରେ ଅଲ୍ ଇଣ୍ଡିଆ ସବ୍-ଜୁନିୟର ନ୍ୟାସନାଲ୍ ପାଇଁ ମନୋନୀତ ହୋଇଛନ୍ତି । ଓଲୋପାଡ ମାଝୀ ପୂର୍ବରୁ ଓଡ଼ିଶା ରାଜ୍ୟ ପକ୍ଷରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଥିବା ବେଳେ ଆଦିତ୍ୟ ପ୍ରଧାନଙ୍କ ପାଇଁ ଏହା ଏକ ନୂଆ ଅଧ୍ୟାୟ । ପ୍ରଥମଥର ପାଇଁ ସେ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ତାଙ୍କର ଏହି ମନୋନୟନ ବାଲେଶ୍ୱର ଉତ୍ତାୟମାନ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ ଉତ୍ସାହଜନକ ଉତ୍ତାହରଣ ହୋଇଛି । ନଭେମ୍ବର ୫ରୁ ୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଜଳଡୋରା ଷ୍ଟାଡିୟମରେ ଏହି ରାଜ୍ୟ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱରର ଖେଳାଳିମାନଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲା ବ୍ୟାଡମିଂଟନ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଖେଳାଳି, ସେମାନଙ୍କ ପ୍ରଶିକ୍ଷକ ଓ ସଂଘର ସଦସ୍ୟମାନଙ୍କୁ ବିଜିନ୍ନ ମହଲରୁ ଅଭିନନ୍ଦନ ଜଣାଯିବା ସହ ଜାତୀୟ ସ୍ତରରେ ମଧ୍ୟ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରାଯାଇଛି ।



ଭୋଗରାଇ ବ୍ଲକରେ ଜନଶୁଣାଣୀ ଶିବିର ୧୪୯ ଅଭିଯୋଗ

ଅତିଶୀଘ୍ର ସମାଧାନ କାର୍ଯ୍ୟକାରୀ ରିପୋର୍ଟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୋଗରାଇ, ୦୯/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସଚିବାଳୟ ଛକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଲୋକମାନଙ୍କ ବିଜିନ୍ନ ଅଭିଯୋଗର ଜଳ ଶୁଣାଣୀ ଶିବିର ଅନୁଷ୍ଠିତ ହୋଯାଇଛି । ଶିକ୍ଷା, ଡ୍ରେନେଜ, ବିଦ୍ୟୁତ୍ ସମସ୍ୟା, ଆଇନ ଶୃଙ୍ଖଳା ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଠାରେ ଅଭିଯୋଗ କରିଥିଲେ । ଏହି ଜଳ ଶୁଣାଣୀ ଶିବିରରେ ୧୪୯ ଟି ଅଭିଯୋଗ ହୋଇଥିଲା ବେଳେ ୧୨୨ ଟି ବ୍ୟକ୍ତି ଗତ ଅଭିଯୋଗ ହୋଇଥିଲା । ତତସହ ୧୭ ଟି ସାମୁହିକ ଅଭିଯୋଗ ପତ୍ର ଦାଖଲ ହୋଇଥିଲା । ତେବଳା ପଂଚାୟତ ସେହି ଗ୍ରାମର ୯. ୯୯, ୦୦୦ ଟଙ୍କାରେ ନିର୍ମିତ ମହାପୁଷ୍କରଣୀର ଘାଇ,ଖୋଲା ବ୍ୟାୟାମ କେନ୍ଦ୍ର ଓ ଖେଳ କେନ୍ଦ୍ରର ସରଞ୍ଜାମ ନିମୁ ମାନର ହୋଇଥିବା ନେଇ ଦୂର୍ନୀତି ଅଭିଯୋଗର ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ତଦନ୍ତ କରାଯିବାକୁ ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଥିବାବେଳେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏହି ଅଭିଯୋଗକୁ



ଗମ୍ଭୀର ରାଜେ ନେଇଁ ଖୁବ ଶୀଘ୍ର ଏହାର ତଦନ୍ତ କରାଯିବାକୁ ଅଭିଯୋଗ କାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଦକ୍ଷିଣ ରୋଗରାଇ ପାଣି ନିଷ୍ପାସନ ଏକ ଜଟିଳ ସମସ୍ୟା ହୋଇଥିବାରୁ ସୁଦର୍ଘରେଖା ସଂସ୍କାର ଯୋଜନାରେ ୯୯. ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଥିଲେ ମଧ୍ୟ ଜାଳ ନ ଖୋଜି ପୋଲ ତିଆରି କରିବାର ଯୋଜନା ତଥା ଜମି ଅଧିଗ୍ରହଣ ନକରାଯିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହଇଛି । ସେହିପରି ଶୁଙ୍କାପୁର ପଂଚାୟତରେ ବିଜିନ୍ନ ଜନୟନ ମୂଳକ କାର୍ଯ୍ୟ ପତ୍ରା ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟ ସମସ୍ତ ସମସ୍ୟାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜାଏ ସଂକ୍ଷିପ୍ତ ସବିଶେଷ ତଥ୍ୟ ଖୁବ ଶୀଘ୍ର ଜିଲ୍ଲା କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ଉନ୍ନୟନ ଓ ପ୍ରଶାସନିକ ଅଧିକାରୀମାନେ ତାଗିତ କରିଥିଲେ ଏହି ଜନ ଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ବିବାରର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଜିଲ୍ଲା ବିଦିସାଧିକାରୀ ଡ. ଅମୂଲ୍ୟ ଦାସ, ବିଡ଼ିଓ ପ୍ରଶାନ୍ତ ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ତଥା ସମସ୍ତ ଅଭିଯୋଗର ବିଭାଗୀୟ ଅଧିକାରୀଙ୍କୁ ଡେକ ତଦନ୍ତ କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଜନ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ଆସି ନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଶିବିରରେ ଜିଲ୍ଲାର ବିଜିନ୍ନ ବିଭାଗୀୟ ପଦାଧିକାରୀମାନେ ଯୋଗଦେଇ ଥିଲେ ।

ବାଲେଶ୍ୱରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ: ବାସି ଖୁଆ, ଛେନା ସହ ନିଷିଦ୍ଧ ରଙ୍ଗ ଓ ଚାଇନା ସଲ୍ଟ ଜବତ

ବାଲେଶ୍ୱର, ୦୯/୧୧ (ଆ.ପ୍ର) : ସହରର ଫକୀରମୋହନ ଜଲେଜ ରୋଡ୍ ଓ ଚାଉପୁର ରୋଡ୍‌ରେ ଥିବା ବିଜିନ୍ନ ମିଠା ଦୋକାନ, ଫାଷ୍ଟଫୁଡ୍ ଷ୍ଟଲ୍ ଓ ହୋଟେଲରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ସମୟରେ ବିଜିନ୍ନ ଦୋକାନରୁ ନମ୍ବ ହୋଇଥିବା ଖୁଆ, ଛେନା, ମସଲା ଭ୍ରେଣ୍ଡି ସମେତ ଖାଦ୍ୟରେ ବ୍ୟବହୃତ ନିଷିଦ୍ଧ ରଙ୍ଗ ଓ ଚାଇନା ସଲ୍ଟ ଜବତ କରାଯାଇଛି । ଜବତ ହୋଇଥିବା ଅସ୍ୱାସ୍ଥ୍ୟକର ଓ ନଷ୍ଟ ଖାଦ୍ୟ ସାମଗ୍ରୀକୁ ନଷ୍ଟ କରାଯାଇଥିବା ବେଳେ ନିୟମ ଉଲ୍ଲଘ୍ଘନ କରୁଥିବା ବିଜିନ୍ନ ଦୋକାନୀଙ୍କଠାରୁ ମୋଟ ୨୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏଥିସହ ଅସ୍ୱାସ୍ଥ୍ୟକର ପରିବେଷଣରେ ଖାଦ୍ୟ ପ୍ରସ୍ତୁତ ଓ ପରିବେଷଣ କରୁଥିବା ଦୋକାନୀମାନଙ୍କୁ ସ୍ୱଚ୍ଛତା ଓ ଖାଦ୍ୟ ଗୁଣବତ୍ତା ବଜାୟ ରଖିବାକୁ ତାଗିଦ୍ କରାଯାଇଛି । ଜନସାଧାରଣଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ଯାଂଚ ଓ ଚଢ଼ାଉ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।



ଡା ଯଦୁନାଥ କଲେଜରେ ସ୍କାଉଟ୍ସ ଏଣ୍ଡ୍ ଗାଇଡ୍ସ ପ୍ରତିଷ୍ଠା ଦିବସ ପାଳିତ



ରେଗୁଣା, ୦୯/୧୧ (ଆ.ପ୍ର) : ବାଲେଶ୍ୱର ସବର ବ୍ଲକ ରୟାଳପୁରସ୍ଥିତ ଡା. ଯଦୁନାଥ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏଣ୍ଡ୍ ଗାଇଡ୍‌ସ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ତୃପ୍ତିରତା ପାଣ୍ଡଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍କାଉଟ୍ ଏଣ୍ଡ୍ ଗାଇଡ୍‌ର ପତାକା ଉତ୍ତୋଳନ କରାଯିବା ସହ ସଦସ୍ୟମାନେ ସଂଗଠନର ପ୍ରତିଜ୍ଞା ପାଠ କରିଥିଲେ । ଏଥିସହ ସାମୁହିକ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ପ୍ରଶାସନିକ ଅଧିକାରୀ ସଙ୍ଗୀତା ନନ୍ଦ, ରୋଭର ଲିଡର ସୁଶ୍ରୀମାରାଣୀ ସିଂ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସମାଜ ପ୍ରତି ଦାୟିତ୍ୱବୋଧ ରଖିବା ସହ ସର୍ବଦା ସ୍ୱତଃସ୍ଫୂର୍ତ୍ତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସ୍କାଉଟ୍ ଏଣ୍ଡ୍ ଗାଇଡ୍ କେବଳ ଏକ ସଂଗଠନ ନୁହେଁ, ବରଂ ଶୃଙ୍ଖଳା, ଆତ୍ମନିର୍ଭରଶୀଳତା, ସହଯୋଗ ଓ ସେବା ମନୋଭାବ ଗଠନର ଏକ ଉତ୍ତମ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ରୋଭର ଓ ରେଞ୍ଜରମାନେ ସମାଜ ଓ ମାନବସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଜିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ପାଳନରେ ସାମିଲ ହୋଇଥିଲେ ।

ବରୁଣସିଂ ପଂଚାୟତରେ ଜାତୀୟ ଆଇନ ସେବା ଦିବସ ପାଳିତ

ବାଲେଶ୍ୱର, ୦୯/୧୧ (ଆ.ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାଲେଶ୍ୱରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରୁଣସିଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଆଇନ ସେବା ଦିବସ ଓ ଆଇନ ସଚେତନତା ଶିବିର ପାଳିତ ହୋଯାଇଛି । ଏହି ଶିବିରରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ୧୯୮୭ ମସିହାରେ ପ୍ରଣୀତ ଆଇନ ସେବା ପ୍ରାଧିକରଣ ଆଇନ କାର୍ଯ୍ୟକାରୀ ହେବାର ସ୍ମରଣୀୟ ସ୍ମୃତିରେ ୧୯୯୫ ମସିହାରୁ ପ୍ରତିବର୍ଷ ନଭେମ୍ବର ୯ ତାରିଖକୁ ଜାତୀୟ ଆଇନ ସେବା ଦିବସ ଭାବେ ପାଳନ କରାଯାଇଛି । ସମାଜର ମହିନା, ଶିଶୁ, ଜିନ୍ନକ୍ଷମ, ଆର୍ଥିକ ଅନଗ୍ରସର ବର୍ଗ, ବନ୍ୟା ଓ ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ସମେତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର



ଲୋକଙ୍କୁ ନିଃଶୁଳ୍କ ଆଇନ ସହାୟତା ଯୋଗାଇ ଦେବାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ସେ ବୁଝାଇଥିଲେ । ଯୋଗ ଦାଖଲକାରୀ ଏହି ସୁବିଧାର ସଦୁପଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆଇନଗତ ସହାୟତା ଓ ଅଭିଯୋଗ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବା ସହ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଯାଇ ମଧ୍ୟ ଆବେଦନ କରିହେବ ବୋଲି ସେ ସୂଚ

ସମ୍ବାଦ
ଆରମ୍ଭ
SEITHO AKAMBHA
ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...
ସମସ୍ତେ ଆଜି ନିଶାରେ

ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ନିଶାଗ୍ରସ୍ତ ହୋଇ ମଣିଷ ନିଜର କୌଣସି ଏକ ନିର୍ଦ୍ଦିଷ୍ଟ ଲାଭବାଦା ମଧ୍ୟରେ ପ୍ରଜାପ କରୁଥିବା ସମସ୍ତେ ଦେଖନ୍ତି, ଜାଣନ୍ତି । ତେବେ କୌଣସି ନିଶା ଦ୍ରବ୍ୟ ସେବନ ନକରି ମଧ୍ୟ ସାଧାରଣ ମଣିଷ କେମିତି ନିଶାରେ ପ୍ରତଳିତ ହୁଅନ୍ତି ଏକ ବିସ୍ମୟକର ଘଟଣା । ଏହି ଲଥାଟି କୌଣସି ଆଖ୍ୟାକ୍ଷର କିମ୍ବା ପରିଭାଷା ମୂଳକ ନୁହେଁ, ବରଂ ମଣିଷ ମନର ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ନିଶା ଅର୍ଥାତ ଏକ ନିର୍ଦ୍ଦିଷ୍ଟ ବିଷୟ ମଧ୍ୟରେ ନିଜକୁ ସୀମିତ ରଖି ଦୁନିଆର ବାକି ସବୁ କଥାକୁ ଭୁଲିଯିବା । କୌଣସି ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ମଣିଷ ନିଜର ହିତାହିତ ଜ୍ଞାନ ଶୂନ୍ୟ ହୋଇ ସେହି ନିଶା ନଛାଡିବା ପର୍ଯ୍ୟନ୍ତ ଗୋଟିଏ ନିର୍ଦ୍ଦିଷ୍ଟ ଲାଭବାଦା ମଧ୍ୟରେ ଚାଉଣ କରିଥା'ନ୍ତି । ସେହି ନିଶାର ସମୟ ସୀମା ସରିଗଲା ପରେ ପୁଣି ସେମାନେ ସାଧାରଣ ମଣିଷ ଭଳି ଆଚରଣ କରିଥା'ନ୍ତି । କିନ୍ତୁ ଦୁନିଆରେ ଏମିତି ନିଶା ଅଛି ଯାହାର ନିର୍ଦ୍ଦିଷ୍ଟ ସମୟ କିମ୍ବା ଶେଷ ସୀମା ନଥାଏ । ଆଉ ସେହି ନିଶା ମଣିଷ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମୟରେ ଆରମ୍ଭ ହୋଇ ଚୁରୁରେ ତିତା ଲାଗିବା ପର୍ଯ୍ୟନ୍ତ ଶେଷ ହୋଇନଥାଏ ! ସେହି ନିଶାରେ ନିଶାସକ୍ତ ଅଜିର ସାଧାରଣ ଜୀବନ ଠାରୁ ଆରମ୍ଭ କରି ଅତ୍ୟନ୍ତ ଉଚ୍ଚ କୋଟିର ମଣିଷଙ୍କ ପାଖରେ ମଧ୍ୟ ଦେଖିବାକୁ ମିଳୁଛି ଯାହା ୧୦୦ ଶତକଡା ମଣିଷକୁ ଆଜି ବିନାଶ ଅବରହ ନିଶାଗ୍ରସ୍ତ କରି ରଖୁଛି । ସେହି ନିଶା ମଣିଷର ମାନସିକ ସ୍ତରରୁ ଉପୁଡି ନିଜ ଶାଗାରିକ ବିବ୍ୟୟନ ଜନିତ, ଯାହା କୌଣସି ନିଶା ଦ୍ରବ୍ୟର ପ୍ରଭାବରୁ ହୋଇନଥାଏ । ତେବେ ନିଶା ଦ୍ରବ୍ୟ ଜନିତ ନିଶାକୁ ଆୟର କରିବା କ୍ଷମତା ରଖିଥିବା ମଣିଷ ଆଜି ମାନସିକ ବିବ୍ୟୟନ ଜନିତ ନିଶାକୁ ନିଜକୁ ମୁକୁଳିବ କରି ନପାରି, ଦିନକୁ ଦିନ ତାହାର ପ୍ରକୋପରେ ନିଜକୁ ଜାଳି ଜାଳି ଅରରର ମରୁଛି । ନିଶାଦ୍ରବ୍ୟ ସେବନକାରୀଙ୍କୁ ନିଶା ଯେତିକି ଆନନ୍ଦ ପ୍ରଦାନ କରି ଶାଗାରିକ କ୍ଲେଷରେ ସଜାଯୋଡ କରିଥାଏ, ତାହାଠାରୁ ଯଥେଷ୍ଟ ଅଧିକ ଏହି ମାନସିକ ନିଶାସକ୍ତ ପରିସ୍ଥିତି ଆନନ୍ଦ ପ୍ରଦାନ ପୂର୍ବକ କେମିତି ଆଶାତୀତ ଶାରୀରିକ ଯନ୍ତ୍ରଣ ପ୍ରଦାନ କରିଥାଏ ତାହା ବର୍ତ୍ତମାନ ନିର୍ବୋଧ, ଅଜ୍ଞାନ ମଣିଷ ବୁଝିବା ଏତେ ସହଜ ନୁହେଁ ଲେଖିବାକୁ ଗଲେ ଆମ ଦେଶ ଲୋକ ମାନଙ୍କର ଏମିତି ମନସ୍ତାତ୍ତ୍ୱିକ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ଅଶାନ୍ତ ପରିସ୍ଥିତି, ପରିବେଶ ମଧ୍ୟରେ ରଖି ରକ୍ତଚାପ, ମଧୁମେହ ଭଳି ଆହୁରି ଅନେକ ରୋଗ ଗ୍ରସ୍ତ ଅବସ୍ଥାରେ ଦିନରାତି ଅସଜ୍ଞାତରେ ମାନସିକତା ପ୍ରବଳ ଅତ୍ୟାଚାର ବଂଚିବା ପାଇଁ କୌଣସି ପ୍ରେରଣା ନଥିଲା । ସାଧାରଣ ଜନଜୀବନ ଅତ୍ୟନ୍ତ ସରଳ, ସୁନ୍ଦର ଭାବେ ପରିଲକ୍ଷିତ ହେଉଥିବା ବେଳେ ପ୍ରାକୃତିକ ପରିବେଶ ଅତ୍ୟନ୍ତ ଗୌରମ୍ୟ, ଶାନ୍ତତ ଥିଲା । ଲୋକଙ୍କ ଜୀବନ ଯାପନ ଶୈଳୀ ଏକ ପ୍ରାକୃତିକ ପରିସ୍ଥିତି ମଧ୍ୟରେ ସଜୁଳିତ ଅବସ୍ଥାରେ ରହୁଥିଲା । ପ୍ରାଚୀନ ସମୟରୁ ଅନେକ ସୁଖ୍ୟାତ ଦାର୍ଶନିକଙ୍କ ମନସ୍ତାତ୍ତ୍ୱିକ, ସାମାଜିକ, ମାନସିକ ଚେତନା ଉପରେ ଆଧାରିତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ମତବାଦ ଗୁଡିକୁ ଅନୁକରଣ କରି ସାଧାରଣ ଲୋକେ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିବାରେ ସକ୍ଷମ ହୋଇ ପାରୁଥିଲେ । ମାନସିକ ନିଶାଗ୍ରସ୍ତ ହେବା ଦୂରର କଥା କୌଣସି ନିଶା ଦ୍ରବ୍ୟ ବ୍ୟବହାର ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିଲାଯେ ପରୋଶୀକୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମଧ୍ୟରେ ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିବାଯେ ପରୋଶୀକୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମଧ୍ୟରେ ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିବାଯେ ପରୋଶୀକୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ସଦ୍ଭାବ ଏତେ ମାତ୍ରାରେ ଥିବାଯେ ପରୋଶୀକୁ ଲୋକେ ନିଜ ପରିବାର ଭଳି ଭାବୁଥିଲେ । ତେଣୁ ଭାରତୀୟଙ୍କ ମଧ୍ୟରେ ମଧ୍ୟ ଖୁବ୍ ବିରଳ ଥିଲା । ତେଣୁ ଲୋକ



ସିଲେଟ ଆରମ୍ଭ

SEITHO ARAMBHA



ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଆଦିବାସୀ ଅସ୍ମିତାର ମହାପର୍ବ 'ପରବ-୨୦୨୬', ଆୟୋଜନକୁ ନେଇ ପ୍ରଶାସନର ତତ୍ପରତା

କୋରାପୁଟ, ୦୯/୧୧ (ଆ.ପ୍ର) : ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାର ଅନନ୍ୟ ପରିଚୟ ବହନ କରୁଥିବା ଜାତୀୟସ୍ତରୀୟ ଭୋଜ ମହୋତ୍ସବ 'ପରବ-୨୦୨୬'କୁ ନେଇ କୋରାପୁଟ ଜିଲ୍ଲାରେ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଉଛି । ମହୋତ୍ସବକୁ ସଫଳ, ସୁବ୍ୟବସ୍ଥିତ ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏହି କ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଳନ କୁନ୍ଦୁରା କୁନ୍ଦର ବାଗବେରି ଗ୍ରାମ ପଂଚାୟତ ଗସ୍ତ କରି ମହୋତ୍ସବ ଆୟୋଜନର ପ୍ରସ୍ତୁତି ଓ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । 'ପରବ' କେବଳ ଏକ ଉତ୍ସବ ନୁହେଁ, ବରଂ ଆଦିବାସୀ ସମାଜର ସମୃଦ୍ଧ ଐତିହ୍ୟ, ପାରମ୍ପରିକ ନୃତ୍ୟ, ସଙ୍ଗୀତ, କଳା ଓ ଲୋକଜୀବନକୁ ଜାତୀୟସ୍ତରରେ ପ୍ରତିଫଳିତ କରିବାର ଏକ ଅନନ୍ୟ ମଂଚ । ଏହି ମହୋତ୍ସବ ମାଧ୍ୟମରେ ଜନଜାତି ସମ୍ପ୍ରଦାୟର ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟକୁ ଅଧିକ ବ୍ୟାପକ ଭାବେ ଲୋକଲୋଚନକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ମହୋତ୍ସବ ସ୍ଥଳର ମଂଚ ପ୍ରସ୍ତୁତି, ପ୍ରଦର୍ଶନୀ ବ୍ୟବସ୍ଥା, ଯାତାୟତ ନିୟନ୍ତ୍ରଣ, ପାର୍କିଂ, ପାନୀୟ ଜଳ, ପରିମଳ, ଆରୋଗ୍ୟ ସେବା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ମହୋତ୍ସବକୁ ଆସିବାକୁ ଥିବା ଅତିଥି, କଳାକାର ଓ ଦର୍ଶକଙ୍କ ପାଇଁ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ଗସ୍ତରେ କୋରାପାଟ୍ ବିଧାୟକ ବ୍ରୁଜ ଭତ୍ରା, କୋରାପୁଟ ଆରକ୍ଷୀ ଅଧୀକ୍ଷକ ଗୋବିନ୍ଦ ଚନ୍ଦ୍ର ପରିଚୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ), ଡିଡିଓ ପି. ମନସ୍ୱିତାଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଉତ୍କଳ ବାଳାଶ୍ରମର ଶିଶୁ ମାନଙ୍କ ସହ ଦିପାବଳୀ ପାଳିଲେ ଗଜପତି ଜିଲ୍ଲାପାଳ

ପାରଳାଖେମୁଣ୍ଡି, ୦୯/୧୧ (ଆ.ପ୍ର) : ପବିତ୍ର ଦିପାବଳୀ ଅବସରରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ପୁନୀୟ ଅଗ୍ରୱାଲ୍ ଉତ୍କଳ ବାଳାଶ୍ରମକୁ ପରିଦର୍ଶନରେ ଯାଇ ସେଠାରେ ଥିବା ସମସ୍ତ ଶିଶୁ ମାନଙ୍କ ସହ ଉତ୍ସାବାର୍ତ୍ତା କରିଥିଲେ ଏବଂ ସେମାନେ କିପରି ଆଗକୁ ବାଢିପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲାପାଳ ଶିଶୁମାନଙ୍କୁ ମିଠା ବାଂଟିବା ସହ



ଶିଶୁମାନଙ୍କ ନୃତ୍ୟ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ରାଘବେନ୍ଦ୍ର ସାମଲ କଳ୍ୟାଣରାଓ, ବାଡ଼ାଖାଁ ପରବର୍ତି କାର୍ଯ୍ୟାନୁ ନିରାକ୍ଷଣ ନିମନ୍ତେ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ଥିବା ପଙ୍କଜ କୁମାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶିଶୁ ମଙ୍ଗଳ ସମିତିର ସଭ୍ୟ।ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

ଠାକୁରପାଟଣାରେ ରାମଲୀଳା ଓ ରାବଣପୋଡ଼ି ଉତ୍ସବ

ଜଗତସିଂହପୁର, ୦୯/୧୧ (ଆ.ପ୍ର) : ମାଟିମାତା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ, ଧର୍ମର ଜୟ ଓ ଅଧର୍ମର ପରାଜୟର ବାର୍ତ୍ତା ନେଇ ଠାକୁରପାଟଣାରେ ଉତ୍ସାହୀ ଗ୍ରାମୀଣ କଳାକାରମାନଙ୍କୁ ନେଇ ରାମଲୀଳା ଓ ରାବଣପୋଡ଼ି ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଂଚଳରେ ଲୁପ୍ତାୟିତ ଥିବା କଳା ଓ ସାଂସ୍କୃତିକ ପରିଚାକୁ ଲୋକଲୋଚନକୁ ଆଣିବା ସହ ନୂତନ ପିଢ଼ି ମଧ୍ୟରେ ଆମ ପରମ୍ପରା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶିଷ୍ଟ ଶିକ୍ଷାବିତ୍ ତଥା ରାଷ୍ଟ୍ରୀୟ ଶିକ୍ଷକ ସମ୍ମାନପ୍ରାପ୍ତ ସୁଭାଷ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉତ୍ସବର ମୁଖ୍ୟ ଆୟୋଜକ ତଥା ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଗାଁର କଳାକାରମାନଙ୍କ ମଧ୍ୟରେ ଅନେକ ଲୁପ୍ତାୟିତ ପ୍ରତିଭା ରହିଛି । ସେହି ପ୍ରତିଭାକୁ ଉପଯୁକ୍ତ ମଂଚ ଦେଇ ଲୋକଲୋଚନକୁ ଆଣିବା ଦିଗରେ



ଏହି ଉତ୍ସବ ଏକ ଉତ୍ତମ ପ୍ରୟାସ ।ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମେଡିକାଲର ଏଡିଏମ୍ଓ ଡାକ୍ତର ସରୋଜ କୁମାର ଜେନା ଯୋଗଦେଇ ଜଗତସିଂହପୁର ମାଟିର କଳା ଓ ସାଂସ୍କୃତିକ ଐତିହ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଜଗତସିଂହପୁର ହେଉଛି କଳା ଓ ସଂସ୍କୃତିର ମାଟି । ମା' ଶାରଳାଙ୍କ ଆଶୀର୍ବାଦରେ ଏ ମାଟିର କଳାକାରମାନେ ସବୁବେଳେ ନିଜ ପ୍ରତିଭା ବଳରେ ଉଚ୍ଚ ଶିଖରକୁ ଉଠିବାର ସାମର୍ଥ୍ୟ ଉଜ୍ଜ୍ୱଳନ୍ତି । ସଂଚାଳିତ ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ସ୍କୁାରକ କଲିଅର କଲେଜର ଅଧ୍ୟକ୍ଷ ସତ୍ୟଜିତ ସାହୁ ଏବଂ ଶୁଦ୍ଧାନନ୍ଦ ବି�୍ୟାଳୟର ପ୍ରିନ୍ସିପାଲ ବିଶ୍ୱଜିତ ସ୍ୱାଇଁ ଯୋଗଦେଇ ଗାମୀଣାଞ୍ଚଳର ସାଂସ୍କୃତିକ ଓ ଜୈବିକ ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହ ଅଭିନୟରେ ଭାଗ ନେଇଥିବା କଳାକାରମାନଙ୍କୁ ପୁରସ୍କୃତ କରି ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।ଏହି ଅବସରରେ ରାମଲୀଳାରେ ଅଭିନୟ କରି ବିଜୟ କଳାନ୍ତିପୁଣ୍ୟା ପ୍ରଦର୍ଶନ କରିଥିବା ଆଖିକ, ଆର୍ଯ୍ୟନ, ଶିପୁନ, ଶୁଭ, ପୂର୍ଣ୍ଣା, ଦୀକ୍ଷା, ସାନ, ସତ୍ୟା, ଅମୃଲ୍ୟ, ସ୍ୱୟଂ, ଭୁଟା, ଉମରୁ ଓ ଶୁଭମଙ୍କ ଅଭିନୟ ଦର୍ଶକମାନଙ୍କ ମନ ମୋହିଥିଲା । କାର୍ଯ୍ୟକ୍ରମର ସୂଚାରୁ ପରିଚାଳନାରେ ଅରୁ, ରାଜନ, ଜିପୁନା, ଧନିଆ, ସିପୁ, ବିନ୍ଦୁ, ଜାଜିଆ, ବୁନ୍ଦୁ, ପିକୁଳା, ବାସୁ ଓ ପାପିନା ସହଯୋଗ କରିଥିଲେ ।ରାବଣପୋଡ଼ି ଉତ୍ସବ ମାଧ୍ୟମରେ ଅସତ୍ୟ ଉପରେ ସତ୍ୟର ବିଜୟର ବାର୍ତ୍ତା ପ୍ରଚାର କରାଯାଇଥିଲା । ତେବେ ଏହି ଉତ୍ସବ କେବଳ ବାହ୍ୟରେ ରାବଣ ଦହନରେ ସୀମିତ ନ ରହି ମଣିଷ ନିଜ ମନ ଭିତରେ ଥିବା ଅହଂକାର, ଈର୍ଷା, କ୍ରୋଧ, ଲୋଭ ଓ ଘୃଣା ଭଳି ଅସତ୍ ପ୍ରବୃତ୍ତିକୁ ଦହନ କରିବାର ଆହ୍ୱାନ ଦେଇଥିଲା । ପ୍ରକୃତ ବିଜୟ ସେତେବେଳେ ହେବ, ଯେତେବେଳେ ମଣିଷ ଭିତରେ ମଣିଷତାଟିଆର ବିଜୟ ହେବ-ଏହି ମାହତ୍ପୂର୍ଣ୍ଣ ବାର୍ତ୍ତା ସହ ଉତ୍ସବର ପରିସମାପ୍ତି ଘଟିଥିଲା ।

ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ 'ଅନୁୟଜ୍ଞ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବ୍ରହ୍ମପୁର, ୦୯/୧୧ (ଆ.ପ୍ର) : ପବିତ୍ର କାର୍ତ୍ତିକ ମାସର ତୃତୀୟ ସୋମବାର ଉପଲକ୍ଷେ ବ୍ରହ୍ମପୁର ସହରର ଆରାଧ୍ୟ ଦେବତା ବାବା ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ଠାରେ ପ୍ରଚଳନ ଉତ୍ସବ ସମାରମ ସହ 'ଅନୁୟଜ୍ଞ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର କାର୍ତ୍ତିକ ମାସର ତୃତୀୟ ସୋମବାର ଅବସରରେ ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କୁ ପ୍ରାୟ ତିରିଶି ହଜାରରୁ ଉର୍ଦ୍ଧ୍ୱ ଭକ୍ତ ବର୍ଦ୍ଧନ କରିଥିବା ବେଳେ ଶ୍ରୀ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ 'ଅନୁୟଜ୍ଞ' ରେ ପ୍ରାୟ ଆଠ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇ ପ୍ରସାଦ ସେବନ କରିଥିବେ । ତେବୁଗୁ ଏମ୍ପାରାୟର ବହୁ ଭକ୍ତ ଆଜି କାର୍ତ୍ତିକ ମାସର ତୃତୀୟ ସୋମବାର ଉପଲକ୍ଷେ ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କୁ ଦର୍ଶନ କରିବାର ମିଳିଥିଲା । ବ୍ରହ୍ମପୁର ସହରର ବହୁ ରାଜନୈତିକ ବ୍ୟକ୍ତି, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ଦର୍ଶନ କରି ଆଶିର୍ବାଦ ନେବା ସହ 'ଅନୁୟଜ୍ଞ' କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ । ଏହି ସାମୟିକ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ଦୃଷ୍ଟି ଜଗଦୀଶ ପାଣିଗ୍ରାହୀ, ସଭାପତି କାଳାଜିଙ୍କର ପାତ୍ର, ସମ୍ପାଦକ ଦାସରଥି ବେହେରା,ବି ପ୍ରଖାର ପାତ୍ର, ରାମାଚନ୍ଦ୍ର ପାଣିଗ୍ରାହୀ, ଅଜୟ କୁମାର ବଜେର,ରବିନ୍ଦ୍ର ସାହୁ,ଜଗନ୍ନାଥ ପଧା,ସଦାନନ୍ଦ ସେନାପତି, ମନୋଜ ପଧା, ବିପ୍ରଚରଣ ବଜେର, କୁମାର ବେହେରା, ଏସ୍ ଦଣ୍ଡପାଣି, କେଦାର ପାଣିଗ୍ରାହୀ, ସଦାଶିବ ପାତ୍ର, ଖଣି ସାହୁ,ସନ୍ୟାସୀ ନାୟକ, ସିଏର ଶ୍ରୀନିବାସ, ସୁଶିଲ ପାତ୍ର, ବି ନାନା, ଡେ ହରି ନାରାୟଣ ସୁବୁଦ୍ଧି, ବିକ୍ରମ ବେହେରା, କୃଷ୍ଣ ଚନ୍ଦ୍ର ସେନାପତି, ରିଉବ ସ୍ୱାଇଁ, ସୁଦର୍ଶନ ସେଠୀ, ଦକ୍ଷପାଣି ସାହୁ, ଗୋବରଚନ୍ଦ୍ର ରାଓ,ମୋହନ ଚନ୍ଦ୍ର ସ୍ୱାଇଁ, ଜି ମହେଶ ରାଓ, ପ୍ରମୋଦ ସେଠୀ,ସୁନିଲ କୁମାର ସାହୁ, ପୂଜାରୀ ଚନ୍ଦ୍ରଶେଖର ପ୍ରତିନିଧି,ନାରାୟଣ ପ୍ରତିନିଧି, କୃଷ୍ଣ ପ୍ରତିନିଧି, ମୁକେଶ ରାଉତ, ଶିତା ରାଉତ, କୈଳାସ ଚନ୍ଦ୍ର ରାଉତ, ଶୀମାଂଚଳ ରାଉତ, ବିନେଶ ରାଉତ, ମହେଶ ରାଉତ, ଶଙ୍କର ରାଉତ ପ୍ରମୁଖଙ୍କ ସମେତ ମହାଦେବଙ୍କ ଭକ୍ତ ସହଯୋଗୀ ସହ୍ୟ ସହଯୋଗ କରିଥିଲେ ।

ଉଦିତ ନାରାୟଣ ଠାକୁର ଧର୍ମଗଡ଼ ଯୁବ କଂଗ୍ରେସ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ

କଳାହାଣ୍ଡି, ୦୯/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ରାଜ୍ୟବ୍ୟାପୀ ଯୁବ କଂଗ୍ରେସର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଜୋରସୋରରେ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପଦ ପାଇଁ ଦକ୍ଷପାଟ ଅଂଚଳର ଯୁବନେତା ଉଦିତ ନାରାୟଣ ଠାକୁର ନିଜର



ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।ଯୁବ କଂଗ୍ରେସ ସଂଗଠନକୁ ବୃଶମୂଳ ସ୍ତରରୁ ସୁଦୃଢ଼ କରିବା ସହ ଯୁବପିଢ଼ିଙ୍କୁ ଦଳୀୟ ସଂଗଠନରେ ଅଧିକ ସକ୍ରିୟ ଓ ସଂପୃକ୍ତ କରିବା ଏହି ସାଂଗଠନିକ ନିର୍ବାଚନର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଧର୍ମଗଡ଼ ନିର୍ବାଚନମଣ୍ଡଳୀର ଯୁବପିଢ଼ିଙ୍କ ସମସ୍ୟା, ଚେତାରା, ଶିକ୍ଷା, ନିଯୁକ୍ତି ଓ ଆଂଚଳିକ ବିକାଶ ଭଳି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସହ ଯୁବସମାଜର ସ୍ୱରକୁ ସାଂଗଠନିକ ସ୍ତରରେ ଉପସ୍ଥାପନ କରିବା ତାଙ୍କର ଲକ୍ଷ୍ୟ ବୋଲି ଜଣାପଡ଼ିଛି । ଦକ୍ଷପାଟ ଅଂଚଳରୁ ଜଣେ ଯୁବନେତା ଭାବେ ଶ୍ରୀ ଠାକୁରଙ୍କ ନାମାଙ୍କନ ଦାଖଲକୁ ନେଇ ସ୍ଥାନୀୟ ଯୁବ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ଯୁବଶକ୍ତିର ଏକତା, ସଂଗଠନିକ ମଜବୁତି ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଧର୍ମଗଡ଼ ଯୁବ କଂଗ୍ରେସକୁ ଏକ ନୂତନ ଦିଗ ଦେବା ଲକ୍ଷ୍ୟରେ ଠାକୁର ସଭାପତି ପଦ ପାଇଁ ନିଜର ଦାବିଦାରୀ ଉପସ୍ଥାପନ କରିଛନ୍ତି ।

ବିଷମକଟକ ବ୍ଲକରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ବିଷମକଟକ /ଘୁଣପୁର / ରାୟଗଡ, ୦୯/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ସଦରାବନା ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲଦ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଘୁଣପୁର ଉପ ଜିଲ୍ଲାପାଳ ଦ୍ୟୁମାନ ଅଭିଷେକ ଦିଲ୍ଲୀପ, ଜିଲ୍ଲା ମୁଖ୍ୟ ବିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମୟ ବେହେରା, ଘୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ବିଷମକଟକ ଚରସିଜଦାର ବେ ଭେଙ୍କେଟପୁର ରେଡ୍ଡୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଆଜି ମୋଟ ୫୭ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୪୩ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଦରଖାସ୍ତ ଓ ସ୍ୱାସ୍ଥ୍ୟଗତ ୦୪ଟି ପଞ୍ଜିକରଣ ହୋଇଥିଲା । ଆଜିର ଏହି ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ତାରି ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫୦,୦୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ୦୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବଜକା ସମସ୍ତ ଦରଖାସ୍ତ ଜିଲ୍ଲାପାଳ ଗ୍ରହଣ କରି ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ବିଷମକଟକ ଉପଖଣ୍ଡ ଅରକ୍ଷୀ ଅଧିକାରୀ ସଂଯୋଜିନୀ ଦେସ୍ତମ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ଖଣ୍ଡ, ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ଟି ରାସ୍ତାର ଶିଳାନ୍ୟାସ


ଝୋଗାଁ, ୦୯/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝୋଗାଁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ୨୦୨୫-୨୬ ଅଧ୍ୟାନରେ ତିନୋଟି ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ଧମନାଗୁଡ଼ା ଟାଉନସ୍ତର ଝୋଗାଁ ବିଧାୟକ ନରସିଂହ ଭତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାସ୍ତାଗୁଡ଼ିକର ଛାତିଗୁଡ଼ା ଅଡିବାସୀ ସାଧିତାରୁ ନିରୁଖି ଏବଂ ଧୋଡ଼ା ପଂଚାୟତର ଦିଏସ୍ ପରଗଡାରୁ ଜଡକାଗୁଡ଼ା ପର୍ଯ୍ୟନ୍ତ ତିନୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଏବଂ ଝୋଗାଁ ବିଧାୟକ ନରସିଂହ ଭତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାସ୍ତାଗୁଡ଼ିକର ଶିଳାନ୍ୟାସ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ନିଗୁପ୍ରମା ଗୁଡୁଆ, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ଧୋଡ଼ା ସ୍ଥାନୀୟ ସ୍ୱାମାନ୍ୟ ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି ।

ଦୋଷ୍ଟି ପକ୍ଷରୁ ନିଆରା ଦୀପାବଳୀ ପାଳନ

ବ୍ରହ୍ମଜ, ୦୯/୧୧ (ଆ.ପ୍ର) : ବୁଧାତିଆ ଅବସ୍ଥିତ ଉଜନାଦେବୀ ଜରାଶ୍ରମରେ ବୁଦ୍ଧନେଶ୍ୱରର ଏକ ପ୍ରତିଷ୍ଠିତ ଅନୁଷ୍ଠାନ



'ଦୋଷ୍ଟି ' ପକ୍ଷରୁ ନିଆରା ଧରଣର ଦୀପାବଳୀ ଉତ୍ସବ ପାଳନ ହୋଇଥିଲା । ଏହି ଉତ୍ସବରେ ଦୋଷ୍ଟି ପକ୍ଷରୁ ଚିତ୍ରି, ପ୍ରିତ୍ତ, ଦୃଷ୍ଟି ମେଖିନ, ଷାଣ୍ଡ ଫାଂଚ ଓ ରାସନ ସାମଗ୍ରୀ ଯୋଗାଇଦିଆଯିବାବେଳେ ଜରାଶ୍ରମ ଅଧକ୍ଷ ଆଇନଜୀବୀ ମଞ୍ଜୁଲତା ରାଉତ ମଧ୍ୟକ୍ଷ ଭୋଜନ ବେଳ ସମ୍ପନ୍ନକୁ ଆଘ୍ୟାୟିତ କରିଥିଲେ । ପାଖି ଆଠ ବର୍ଷରୁରି ଦୋଷ୍ଟି ପକ୍ଷରୁ ଦୀପାବଳୀ ଦିନ ଦିଲ୍ଲୀକୁ ଆଶ୍ରୁମର ଆବଶ୍ୟକତା ପୂରଣ କରାଯାଇଥିବାବେଳେ ଚଳିତ ବର୍ଷ ଶିଳ୍ପୀ ରଜମୋହନ କମିଟି ସଂଗ୍ରାମ ସଂଗ୍ରାମ କେଶରୀ ସ୍ୱାଇଁ ଦମ୍ପତ୍ତିଙ୍କ ଦମ୍ପତ୍ତିଙ୍କ ଏହାକୁ ଉପକରଣ ପାଣ୍ଟଚିତ୍ର ସମ୍ଭବ ହୋଇଛି । ଆହୁରି ମଧ୍ୟ ବୁବନେଶ୍ୱର ଫାଟାକନା ଶେଷଚିକଣା ବୃଦ୍ଧଶ୍ରମରେ ଦୋଷ୍ଟି ଏକଲଖ ଅର୍ଥରାଶିର ଉପକରଣ ଯୋଗାଇ ଦେଇଛି । ଏଭଳରେ ଉର୍ଦ୍ଧ୍ୱ ଯୁବ ସମାଜସେବୀ ମିଳିତ ହୋଇ ଏହି ନିଆରା କାର୍ଯ୍ୟକ୍ରମ ପାଳନ କରିଥିବାକୁ ଚାହିଁ ସହ ସହାୟତା କରିଥିଲେ ଶୁଭଶ୍ରୀ ସମ୍ପାଦିକା ଦୃଃ ଦସନ୍ତ ମଲ୍ଲିକା ଦାସ, ରଜମହୋତ୍ସବ ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଆଇନଜୀବୀ ପ୍ରଭାତ କୁମାର ବହିଜା, ପ୍ରେମ ଚରଣ ରାଉତ, ସତ୍ୟବ୍ରତ ନାୟକ ପ୍ରମୁଖ । ଦୋଷ୍ଟି ଅନୁଷ୍ଠାନ ପ୍ରମୁଖ ସଦସ୍ୟା ରଞ୍ଜନ କୁମାର ରଣା, ଗଣେଶ ସ୍ୱାଇଁ, ବଳରାମ ପଲାଇ, ସତ୍ୟ ରଞ୍ଜନ ନାୟକ ପ୍ରମୁଖ ଅବେରୀସୀ ମାନଙ୍କୁ ମିଷ୍ଟାନ୍ନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆନନ୍ଦା



ଶ୍ରୀମନ୍ଦିର ଆରମ୍ଭ
SEITHO ARAMBHA



ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

କିମ୍ପିରୀପଡ଼ା ବୃଦ୍ଧାଶ୍ରମରେ ନିଆରା ଢଙ୍ଗରେ ଦୀପାବଳି ପାଳିତ



ଚିଲିକା/ବାଣପୁର, ୦୯/୧୧ (ଆ.ପ୍ର) : ଆଲୋକର ପର୍ବ ପବିତ୍ର ଦୀପାବଳିକୁ ଆହୁରି ଅର୍ଥପୂର୍ଣ୍ଣ ଓ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ କିମ୍ପିରୀପଡ଼ାସ୍ଥିତ ବୃଦ୍ଧାଶ୍ରମରେ ଏକ ନିଆରା ଢଙ୍ଗରେ ଦୀପାବଳି ଉତ୍ସବ ପାଳନ କରାଯାଇଛି । ନିଜ ପରିବାର ଓ ପରିଜନଙ୍କ ସହ ଖୁସି ବାଣ୍ଟିବା ସହିତ ସମାଜର ଏକ ବିଶେଷ ଶ୍ରେଣୀର ବୟୋଜ୍ୟେଷ୍ଠମାନଙ୍କ ନିକଟରେ ପହଂଚି ସେମାନଙ୍କୁ ଆପଣାପଣର ଅନୁଭବ ଦେବା ଏବଂ ସେମାନଙ୍କ ଜୀବନରେ ଆନନ୍ଦର କିଛି ମୁହୂର୍ତ୍ତ ଉରିଦେବା ଥିଲା ଏହି ମହତ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ । ସାଧାରଣତଃ ଦୀପାବଳି ଆସିଲେ ଘରେ ଘରେ ଦୀପ, ଆଲୋକମାଳା, ମିଠା ଓ ଆତସବାଜିର ଆସର ଜମିଥାଏ । ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ପର୍ବକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରାଯାଇଥାଏ । କେବଳ ଉତ୍ସବ ପାଳନରେ ସୀମିତ ନରହି ବୟୋଜ୍ୟେଷ୍ଠମାନଙ୍କ ସହ କିଛି ସମୟ ବିତାଇବା, ସେମାନଙ୍କ ମନର କଥା ଶୁଣିବା, ସୁଖଦୁଃଖ ବୁଝିବା ଏବଂ ସେମାନଙ୍କୁ ପରିବାରର ଏକ ଅଂଶ ଭଳି ଅନୁଭବ କରାଇବାକୁ ଗୁରୁତ୍ୱ ଦିଆଯାଇଥିଲା । ବୟସର ଅପରାହ୍ନରେ ମଣିଷକୁ ସବୁଠାରୁ ଅଧିକ ଆବଶ୍ୟକ ହୋଇଥାଏ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଆପଣାପଣ । ଏହି ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ପାଳନ ନଥିଲା, ବରଂ ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ଏକ ଜୀବନ୍ତ ଉଦାହରଣ ଥିଲା । ଉପସ୍ଥିତ ଅଧିକାରୀ ଓ କର୍ମଚର୍ତାମାନେ ବୟୋଜ୍ୟେଷ୍ଠ ମାନଙ୍କ ସହ ଆନନ୍ଦର ମୁହୂର୍ତ୍ତ ବିତାଇବା ସହ ଏକ ସ୍ନେହପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମରେ ନାତୃଣୀ ଆନାର ଆଇଆଇସି ବିଜୁଟି ଭୂଷଣ ମହାପାତ୍ର ଏବଂ ବାବୁଲୀ ଆନାର ଆଇଆଇସି ଶ୍ରଦ୍ଧା ନାୟକ ଯୋଗଦେଇଥିଲେ । ସେହିପରି ବିଶ୍ୱ ହିନ୍ଦୁ ପରିଷଦ ଚିଲିକାର ସଭାପତି ରମେଶ ମହାପାତ୍ର, ଢଙ୍ଗରଙ୍ଗ ଦଳ ଚିଲିକା ପ୍ରଖ୍ୟାତ ସଂଯୋଜକ ଅଶୁତୋଷ ପାଢ଼ା, ସହ-ସଂଯୋଜକ ବିଜେତ୍ର ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚରିପୁର ମଣ୍ଡଳ ପ୍ରମୁଖ ଦୀପକ କୁମାର ରଣା, ଢଙ୍ଗରଙ୍ଗ ଦଳ ଚିଲିକା ପ୍ରଖ୍ୟାତ ସଂଯୋଜକ ବିଶ୍ୱଜିତ ସାମନ୍ତରାୟ ପ୍ରମୁଖ ଉତ୍ତମ ରାଉତ, କିମ୍ପିରୀପଡ଼ା ଖଣ୍ଡ ଢଙ୍ଗରଙ୍ଗ ଦଳ ସଂଯୋଜକ ବିପ୍ଳବ ଛେତରାୟ ଏବଂ ସହ-ସଂଯୋଜକ ଅଂଶୁମାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିସହ ନାତୁଣୀ ଆନାର ଏଆଇଇ ବୁଦ୍ଧେଶ୍ୱର ମହାନ୍ତି, ଏଏଏଆଇ ଗଙ୍ଗାଧର ହେମ୍ବ୍ରମ ଏବଂ ଏଏଏଆଇ ସୁମୁତାରା ସାହୁ ଯୋଗଦେଇ ଥିଲେ । ପୋଲିସ ପ୍ରଶାସନ ଓ ସାମାଜିକ ସଂଗଠନର କର୍ମକର୍ତାମାନଙ୍କ ଏହି ମିଳିତ ପଦକ୍ଷେପ ସମାଜରେ ସେବା, ସହଯୋଗ ଓ ସଦ୍‌ଭାବନାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲା ।

ଦୀପାବଳିରେ ବାଲେଶ୍ୱରରେ ଦୁଇଟି ଭୟାବହ ଅଗ୍ନିକାଣ୍ଡ; ଅଳ୍ପକେ ବର୍ତିଲେ ଚାରି ଜଣ, ବସ୍ତିକୁ ବ୍ୟାପିବା ପୂର୍ବରୁ ନିଆଁ ଆୟତ



ବାଲେଶ୍ୱର, ୦୯/୧୧ (ଆ.ପ୍ର) : ଆଲୋକର ପର୍ବ ଦୀପାବଳିରେ ବାଲେଶ୍ୱର ସହରରେ ଦୁଇଟି ଭୟାବହ ଅଗ୍ନିକାଣ୍ଡ ଘଟି ଆତଙ୍କ ସୃଷ୍ଟି କରିଛି । ଗୋଟିଏ ପଟେ ଫକୀରମୋହନ ଗୋଲେଇ ନିକଟରେ ଘର ଭିତରେ ଶୋଇଥିବା ଏକ ପରିବାରର ଚାରିଜଣ ସଦସ୍ୟ ନିଆଁ ଓ ଧୂଆଁ ମଧ୍ୟରେ ଫସିଯାଇଥିବା ବେଳେ ଅନ୍ୟପଟେ ଗୁଡ଼ିପଡା ଅଂଚଳରେ ଗାଈଗୁ ନିଆଁ ଲାଗି ଏକ ବସ୍ତି ନିମେଟ୍ସ ପଡ଼ିଯାଇ ଜଳିଯାଇଛି । ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁଁ ଉଭୟ ଘଟଣାରେ ତତ୍ପରତାର ସହ ଉଦ୍ଧାରକାର୍ଯ୍ୟ ଚଳାଯାଇଛି । ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉତ୍ତମ ଦିଜୟ, ଅସଦ୍ୟ ଉପରେ ସତ୍ୟର ବିଜୟ ଏବଂ ମନୁଷ୍ୟ ହୃଦୟରେ ସ୍ନେହ, ସହାନୁଭୂତି ଓ ମାନବିକତାର ଦୀପ ପ୍ରଜ୍ୱଳନ । ନିଜ ଖୁସିକୁ ଅନ୍ୟମାନଙ୍କ ସହ ବାଂଟିବେ ଏଁ ଉତ୍ସବର ପ୍ରକୃତ ଆନନ୍ଦ ଦ୍ୱିଗୁଣିତ ହୋଇଥାଏ । କିମ୍ପିରୀପଡ଼ା ବୃଦ୍ଧାଶ୍ରମରେ ଆୟୋଜିତ ଏହି ନିଆରା ଦୀପାବଳି ଉତ୍ସବ ସମାଜକୁ ଏକ ମହତ୍‌ପୂର୍ଣ୍ଣ ବାର୍ତ୍ତା ଦେଇଛି ଯେ, ବୟୋଜ୍ୟେଷ୍ଠମାନଙ୍କ ସେବା, ସମ୍ମାନ ଓ ଯତ୍ନ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ । ସେବା ହିଁ ପରମ ଧର୍ମ । ମାନବ ସେବା ହିଁ ମାଧବ ସେବା ।

ଅନ୍ୟ ପଟେଜଣେ ନିଆଁ ଓ ଧୂଆଁ ମଧ୍ୟରେ ଫସିରହିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ମୋଟ୍ ୩ ଟି ପାଣି ସାହାଯ୍ୟରେ ନିଆଁ ଲିଭାଇବା ଆରମ୍ଭ କରିଥିଲା । ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣ କରାଯିବାରୁ ଏହା ନିକଟସ୍ଥ ଘର ଓ ଦୋକ୍ଷକୁ ବ୍ୟାପିବାରୁ ରୋକାଯାଇପାରିଥିଲା । ଦୀପାବଳି ରାତିରେ ସହରର ଦୁଇଟି ଭିନ୍ନ ସ୍ଥାନରେ ଏଭଳି ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନି ନିର୍ବାପଦା ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ିଛି । ଜିଶେଷଜ୍ଞଙ୍କ ଘରୋଇ ବିଦ୍ୟୁତ୍ ସୁରକ୍ଷା, ଦୀପ ଜାଳିବା ସମୟରେ ସତର୍କତା ଏବଂ ବାଣ ବ୍ୟବହାରରେ ଆବଶ୍ୟକ ସାବଧାନତା ଅବଲମ୍ବନ କରିବାର ଗୁରୁତ୍ୱ ପୁଣିଥରେ ସାମ୍ନାକୁ ଆସିଛି । ଦୀପାବଳି ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ହେତେବୁର ସୁରକ୍ଷା ସଚେତନତା ଓ ଯାଂଚ କରାଯାଇଥିଲା, ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି । ଆଲୋକର ପର୍ବରେ ଅସାବଧାନତାର ସାମାନ୍ୟ ତ୍ରୁଟିକ ଜିପରି ଭୟଙ୍କର ଅଗ୍ନିକାଣ୍ଡର ରୂପ ନେଇପାରେ, ବାଲେଶ୍ୱରର ଏହି ଦୁଇଟି ଘଟଣା ତାହାର ତାଜାତଜା ଦେଖାଦେଇଛି । ଅଗ୍ନି ନିରାପତ୍ତା ପ୍ରତି ସାମାନ୍ୟତମ ଅବହେଳା ନକରିବା ସହ ସଚେତନତା ଓ ସତର୍କତା ହିଁ ଏଭଳି ଅଘଟଣରୁ ରକ୍ଷା କରିପାରିବ ବୋଲି ମତ ପ୍ରକାଶ ପାଇଛି ।

ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ



ଧାମନଗର, ୦୯/୧୧ (ଆ.ପ୍ର) : ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ଧାମନଗର ବିଧାୟକ ତଥା ମାନ୍ୟବର ମନ୍ତ୍ରୀ,ଉଚ୍ଚଶିକ୍ଷା, ଜୁଆଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ସୂର୍ଯ୍ୟବଂଶୀ ସୁରନ, ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ ଉତ୍କଳ ଏବଂ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ରାପ୍ତସେ ଧାମନଗର ବ୍ଲକ୍ର କେତେକ ଗ୍ରାମ ପଂଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଧାମନଗର ଏନ୍‌ଏସିର ବିକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ଉତ୍କଳ ସାଂସଦ ଅଭିମନ୍ୟୁ ସେଠୀଙ୍କ ଉପସ୍ଥିତିରେ ଜୟନଗରଠାରେ ୫୦୦ ଏବଂ ଦକ୍ଷିଣବାଡ଼ଠାରେ ୩୦୦ କ୍ଷମତା ବିଶିଷ୍ଟ ଦୁଇଟି ବହୁମୁଖୀ ସଭାଗୃହର ଉଦ୍‌ଘାଟନ କରାଯାଇଛି । ଧାମନଗରକୁ ଏକ ଆଧୁନିକ ଓ ସୁନ୍ଦର ସହର ଗାଢ଼ି ତୋଳିବାକୁ ସରକାର ସଂଲଗ୍ନବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ ଜଳିକରିଛନ୍ତି । ଏହାସହ ଦକ୍ଷିଣବାଡ଼ଠାରେ ପୂର୍ତ ବିଭାଗ ରାସ୍ତାରୁ ସତ୍ତୋଷ ଯେନାଙ୍କ ଘର ରାୟା ଦୁର୍ଗା ଦାଣ୍ଡ ରାସ୍ତାର ଉନ୍ନତିକରଣ ଏବଂ ଧାମନଗର ବ୍ଲକ୍ର କେତେକ ଗ୍ରାମ ପଂଚାୟତର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ମଞ୍ଚସ୍ଥ ନିର୍ମାଣର ଶୁଭ ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ, ମାନ୍ୟବର ସାଂସଦ ଓ ଜିଲ୍ଲାପାଳ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ କାର୍ଯ୍ୟ ସମାପନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ ଉନ୍ନୟନ ବିଭାଗର ଅଧିକ୍ଷକ ଯନ୍ତ୍ରୀ ହିମାଦ୍ରୀ ତନ୍ୟ ସାମଲ,ଏସ ଡି ଓ କୁତିମାର ମହାପାତ୍ର,କନିଷ୍ଠ ଯନ୍ତ୍ରୀ ଗୁପ୍ତ କୁମାର ମୁଣ୍ଡା,ବିଡ଼ିଓ ଚଳଚିତ୍ରାରୀ ବିଦ୍ୟା,ଏନ ଏସି ର ରାଉତ୍ରାୟ ନିର୍ଜ୍ଜରୀ ଅଧିକାରୀ ଦେବବ୍ରତ ମହାପାତ୍ର ଓ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

କୋମନା ପୋଲିସର ଅବକାରୀ ଚଢ଼ାଉ, ୭.୫ ଲିଟର ବିଦେଶୀ ମଦ ଜବତ



ନୂଆପଡ଼ା, ୦୯/୧୧ (ଆ.ପ୍ର) : ବିଲ୍ଲାରେ ବେଆଇନ ମଦ ବିକ୍ରି ଓ ଚାଲାଣ ଉପରେ ରୋକ ଲଗାଇବା ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଅଭିଯାନ ଜାରି ରହିଛି । ଏହି କ୍ରମରେ କୋମନା ଥାନା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅବକାରୀ ଚଢ଼ାଉ କରାଯାଇ ୭.୫ ଲିଟର ବିଦେଶୀ ମଦ (ଏଫ୍‌ଏଲ୍) ଜବତ କରାଯାଇଛି । ବେଆଇନ ଭାବେ ମଦ ବିକ୍ରି ଓ ପରିବହନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଚାଲିଥିବା ପୋଲିସ ପକ୍ଷରୁ ସୂଚାଯାଇଛି । ଅଂଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ବେଆଇନ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି କୋମନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଅଙ୍ଗନଓ୍ୱାଡି କେନ୍ଦ୍ରରେ ପୁଷ୍ଟି ବାଟିକା, ପରିବା ଚାଷରୁ ପୁଷ୍ଟିକର ଖାଦ୍ୟର ବାର୍ତ୍ତା

ଚାଉଦେବପୁର, ୦୯/୧୧ (ଆ.ପ୍ର) : ଦର୍ଣ୍ଣକ ବନ୍ଧୁ, ଶିଶୁଙ୍କ ସୁସ୍ଥ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱକୁ ଆଜ୍ଞ ଆଗରେ ରଖି ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆରମ୍ଭ ହୋଇଛି ପୁଷ୍ଟି ବାଟିକା କାର୍ଯ୍ୟକ୍ରମ । ନିଜ କେନ୍ଦ୍ର ପରିସରରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରିବା ଏହାର ମୁଖ୍ୟ ଲକ୍ଷ୍ୟ । ଉତ୍ତରକ ଜିଲ୍ଲା ଚାଉଦେବପୁର ବ୍ଲକ ବରଷୁଆ ଫଂଚାୟତର ଜରାଙ୍ଗ-୧ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହୋଇଛି ଏହି ନିଆରା କାର୍ଯ୍ୟକ୍ରମ । ସବୁଜିମାରେ ଉରିଉଠିବ ଅଙ୍ଗନଓ୍ୱାଡି କେନ୍ଦ୍ର ପରିସର । ବାଡ଼ି ବରିମାଟରେ ପଳିତ ବିଭିନ୍ନ ପ୍ରକାର ପନିପରିବା । ଶିଶୁଙ୍କ ପୁଷ୍ଟିସାଧନ ସହ ପୋଷଣଯୁକ୍ତ ଖାଦ୍ୟର ଗୁରୁତ୍ୱ ବୁଝାଇବା ପାଇଁ ଜରାଙ୍ଗ-୧ ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହୋଇଥିଲା ପୁଷ୍ଟି ବାଟିକା କାର୍ଯ୍ୟକ୍ରମ । ସଚଳାଇବ ନିର୍ଦ୍ଦେଶ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପରିସରରେ ବିଭିନ୍ନ ପ୍ରକାର ପନିପରିବା ଗଛ ରୋପଣ କରାଯାଇଥିଲା । ଏହି ଅବସରରେ ବାଘୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରଓଷୁଆ ସରପଂଚ ଗାଉଡ଼ିଆ ବହୁ ମାଲିକ, ଏସିସି ଜ୍ଞାନୀ ବହୁ ନାୟକ, ରାମଜାତ୍ର ଦାସ, ଏଡିଇଓ ସଞ୍ଜୟ କୁମାର ମିଶ୍ର, ଅଙ୍ଗନଓ୍ୱାଡି କର୍ମୀ ରାଜଲକ୍ଷ୍ମୀ ପ୍ରିୟଦର୍ଶିନୀ ସ୍ୱାଇଁ ଓ ଦୀପକ କୁମାର ପୋଲକ ସମେତ ଅଙ୍ଗନଓ୍ୱାଡି କେନ୍ଦ୍ରର ଅଭିଭାବକମାନେ ଯୋଗଦେଇଥିଲେ । ତେବେ ପୁଷ୍ଟି ବାଟିକା କେବଳ ଏକ ବର୍ଗିକା ନୁହଁ, ବରଂ ଶିଶୁଙ୍କ ସୁସ୍ଥ ଭବିଷ୍ୟତ ଓ ପୁଷ୍ଟିକର ଖାଦ୍ୟ ପ୍ରତି ସଚେତନତାର ଏକ ନୂଆ ବାର୍ତ୍ତା ।

ବାଣପୁରରେ ଜାତୀୟ ଆଇନ ସେବା ଦିବସ ପାଳିତ



ଚିଲିକା/ବାଣପୁର, ୦୯/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ଡାଲୁକ ଆଇନ ସେବା ସମିତି ପକ୍ଷରୁ ସୋମବାର ଦିନ ସ୍ଥାନୀୟ ଲେଡ଼ିଡାଗ ଠେଡ ସବଜାଜ ଉଚ୍ଚ ବିଦ୍ୟାଳୟ ଠାରେ 'ଜାତୀୟ ଆଇନ ସେବା ଦିବସ' ଅବସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣପୁର ଜୋର୍ଟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇସିତା ପ୍ରିୟା ଏକ୍କା ଯୋଗ ଦେଇଥିଲେ । ଉକ୍ତ ଆଇନ ସଚେତନତା କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ଅଧିନିୟମ, ମଧ୍ୟସ୍ଥତା, ନ୍ୟାୟ ସଂଯୋଗ, ଲୋକ ଅଦାଲତ ଆଦିର ସୁଫଳତା ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ ସମସ୍ତ ଆଇନ ସେବା ଦ୍ୱାରା ନାଗରିକମାନଙ୍କ କହୁ ଜଟିଳ ମାମଲା ଶୀଘ୍ର ସମାଧାନ ହୋଇପାରିବ ଏବଂ ସେମାନେ କୋର୍ଟ କଚେରୀର ଚାରମାର ଦ୍ୱାପ୍ତରୁ ରେହାତ୍ରୁ ମୁକ୍ତି ପାଇପାରିବେ ବୋଲି ମୁଖ୍ୟ ଅତିଥି ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଫ୍ରଂଟ ଅଫିସ ରିସେପ୍ସନର ଶାନ୍ତନୁ ମହାପାତ୍ର,ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଆଇନଜୀବୀ ମାନେ ଯୋଗ ଦେଇଥିଲେ ।

୫୮ ବର୍ଷର ପୋଡ଼ାଶୂଳର ମା' ଶ୍ୟାମାକାଳୀଙ୍କ ପୂଜା ୧୨ଦିନ ଧରି ଚାଲିବ ମେଳା



ନାଳଗିରି, ୦୯/୧୧ (ଆ.ପ୍ର) : ନାଳଗିରି ବ୍ଲକ ପୋଡ଼ାଶୂଳର ପ୍ରସିଦ୍ଧ ମା' ଶ୍ୟାମାକାଳୀଙ୍କ ପୂଜା ଚଳିତବର୍ଷ ୫୮ବର୍ଷରେ ପଦାର୍ପଣ କରିଛି । ଦୀର୍ଘ ୫୮ବର୍ଷର ପରମ୍ପରା, ଆସ୍ଥା ଓ ଭାଇଚାରାର ପ୍ରତୀକ ଭାବେ ଏହି ପୂଜା ଆଜି ଅଂଚଳର ଏକ ପ୍ରମୁଖ ଗଣପର୍ବରେ ମାନ୍ୟତା ଲାଭ କରିଛି । ୧୯୬୮ ମସିହାରେ ଉତ୍କଳ ଦାଦାଖିଘ୍ନ ମଧ୍ୟରେ ମା'ଙ୍କ ପୂଜାଆରମ୍ଭ ହୋଇଥିଲା । ମାତ୍ର ଜଣେ ଉଦ୍ୟୋକ୍ତାଙ୍କ ଉଦ୍ୟମରେ ଏକ ଅସ୍ଥାୟୀ ଟଂଗରର ନିର୍ମାଣରେ ପୂଜାର ଶୁଭାରମ୍ଭ କରାଯାଇଥିଲା । ପରବର୍ତୀ ସମୟରେ ୧୯୮୪-୮୫ ମସିହାରେ ତତ୍କାଳୀନ ନାଳଗିରି ଜଂଗ୍ରେସ ବିଧାୟକ ଅକ୍ଷୟ ଆଗର୍ୱାଲଙ୍କ ଥାପପାଣ୍ଠିରୁ ୧୦ ହଜାର ଟଙ୍କା, ୨୦୦୦ ମସିହାରେ ତତ୍କାଳୀନ ବିଧାୟକ ପ୍ରତାପ ଷଡ଼ଙ୍ଗୀ ଏବଂ ୨୦୧୪ ମସିହାରେ ତତ୍କାଳୀନ ବିଧାୟକ ସୁଜାତ ନାୟକଙ୍କ ଅନୁଦାନ ସହ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏକ ଭବ୍ୟମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ୨୦୨୫ ମସିହାରେ ୧୨ ନମର ଜିଲ୍ଲା ପରିଷଦ ସଭ୍ୟା ଜଂଟିଆ ସିଂହ ଥାପପାଣ୍ଠିରୁ ୨ଲକ୍ଷ ଟଙ୍କା ଅନୁଦାନରେ ମନ୍ଦିର ପରିସରରେ ଅଗ୍ନି ନିର୍ବାପକ ଯନ୍ତ୍ର ସଂସ୍ଥାପନ କରାଯାଇଛି । ଏହାସହ ମନ୍ଦିର ପରିସରରେ ଶୌଚାଳୟ ନିର୍ମାଣ ଓ ପାନୀୟଜଳ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଦାଲିଆଯାତ୍ରା ଅଂଚଳରୁ ୧୦ରୁ ଊର୍ଦ୍ଧ୍ୱ କାରିଗର ଗୁରୁମାସ ପୂର୍ବରୁ ଆସି କୁଞ୍ଜ ନିର୍ମାଣରେ ଲାଗିଯିବେ ବୋଲି ଜଣାଯାଇଛି । ଶୁଦ୍ଧଷଷ୍ଠ ଲାଗା, ଶୁଦ୍ଧଗାମ୍ଭାଙ୍କ ସୁନାବେଶ ଏବଂ ଶୁଦ୍ଧଦ୍ୱାଦଶ ରାତ୍ରମାର୍ଜନ ପର୍ବତ ଲାଗାକୁ ନେଇ ପ୍ରସ୍ତୁତ କୁଞ୍ଜ ଚଳିତବର୍ଷ ଦର୍ଶକଙ୍କୁ ବିମୋହିତ କରିବେବୋଲି ଜଣାଯାଇଛି । ମନ୍ଦିରର ମୁଖ୍ୟପୂଜକ ରାମକୃଷ୍ଣ ପଣ୍ଡାଙ୍କ ସହ ୫ଜଣ ସହଯୋଗୀ ପୂଜକ ମା'ଙ୍କ ପୂଜାର୍ଚ୍ଚନା କରିଥିବା ଜଣାଯାଇଛି । କାଳପୂଜା କମିଟିର ସଭାପତି ଲାଖର ମିଶ୍ର, ସମ୍ପାଦକ ବିନୋଦ ମହାନ୍ତି ଓ କୋଷାଧ୍ୟକ୍ଷ ଜୟକୃଷ୍ଣ ମହାନ୍ତିଙ୍କର ତତ୍ତ୍ୱାବଧାନରେ ପୂଜା ପରିଚାଳିତ ହେଉଛି । ଚଳିତବର୍ଷ ନଭେମ୍ବର ୮ ତାରିଖରୁ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭହୋଇ ନଭେମ୍ବର ୨୦ ତାରିଖରେ ଶେଷହେବାକୁ ସ୍ଥିର ହୋଇଛି । ଦୀର୍ଘ ୧୨ଦିନ ଧରି କମିଟିପକ୍ଷରୁ ଅନ୍ନଛତ୍ର ବ୍ୟବସ୍ଥା କରାଯିବ । ଏଥିସହ ନଭେମ୍ବର ୧୭, ୧୮ ଓ ୧୯ ତାରିଖ ତିନିଦିନ ଧରି ଯାତ୍ରା ପରିବେଷଣ ହେବ ।

କୋକସରା ପ୍ରେମୀ ଯୁଗଳଙ୍କ ରହସ୍ୟଜନକ ମୃତ୍ୟୁର କ୍ରାଇମବ୍ରାଂଚ ତଦନ୍ତ ଦାବି, ଯୁବ ବିଜେଡିର ଖବରଦାତା ସମ୍ମିଳନୀ



ଭବାନୀପାଟଣା, ୦୯/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାର କୋକସରା ଥାନା ଅଂଚଳରେ ପ୍ରେମୀ ଯୁଗଳଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ନେଇ ରାଜନୀତି ସରଗରମ । ଏହି ଘଟଣାର କ୍ରାଇମବ୍ରାଂଚ ତଦନ୍ତ ଦାବି କରିଛି କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି । ଏନେଇ ଭବାନୀପାଟଣାର ଏକ ଘରୋଇ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୋଲିସର ପ୍ରାଥମିକ ତଦନ୍ତ ଓ ଆତ୍ମହତ୍ୟା ନିଷ୍ପର୍ଷ ଉପରେ ପ୍ରଶ୍ନ ଉଠାଇଛି ଦଳ । ଏଥିସହ ଜିଲ୍ଲାରେ ବଢ଼ୁଥିବା ଅପରାଧ ଓ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛି । କୋକସରା ଥାନା ଅନ୍ତର୍ଗତ ଟେଣ୍ଡାପାଲି ଗ



ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ଆରମ୍ଭ

ପାରଳାଖେମୁଣ୍ଡି, ୦୯/୧୧ (ଆ.ପ୍ର) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗଜପତି ଜିଲ୍ଲାରେ ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟା ଆଜି ପାରଳାଖେମୁଣ୍ଡି ନଗର ଭାବନ (ଟାଉନ ହଲ୍) ଠାରେ ଆରମ୍ଭ ହୋଇଛି । ଏହି ଚୟନ ପ୍ରକ୍ରିୟା ଆଜି ଠାରୁ ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ପ୍ରକ୍ରିୟା ମାଧ୍ୟମରେ ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ଓ କଳାକାରମାନଙ୍କୁ ଚୟନ କରାଯିବ । ଚୟନିତ ଅନୁଷ୍ଠାନଗୁଡ଼ିକ ଭବିଷ୍ୟତରେ ବିଭାଗ ପକ୍ଷରୁ ପ୍ରାୟୋଜିତ ରାଜ୍ୟ ଓ ଜାତୀୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପରିବେଷଣ କରିବାର ସୁଯୋଗ ପାଇବେ । ଆଜି ପ୍ରଥମ ଦିନରେ ମୋଟ ୨୬ଟି ସଂଗଠନ ମଞ୍ଚରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ସ୍ଥାନୀୟ ବିଶିଷ୍ଟ କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଉତ୍କଳମଣି ପାତ୍ର, ଅଭିଜ୍ଞ ମଂଚ କଳାକାର ନୃସିଂହ ଚରଣ ପଟ୍ଟନାୟକ, ବରିଷ୍ଠ ଭାରତଜାତୀ କଳାକାର ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ହରିକୃଷ୍ଣ ବିଶ୍ୱାଳ ଏବଂ ସଂଗୀତଜ୍ଞ ଗୁରୁ ପୁରୁଲିୟ ବିଶ୍ୱାଳ ଯୋଗଦେଇଥିଲେ । ଆଜି ପ୍ରଥମ ଦିନରେ ମୋଟ ୨୬ଟି ସଂଗଠନ ମଞ୍ଚରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ସ୍ଥାନୀୟ ବିଶିଷ୍ଟ



ଶୈଥୋ ଆରମ୍ଭ
SEITHO ARAMBHA



ମଙ୍ଗଳବାର, ୧୦ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଏସିଆ କପ୍ : ପାକିସ୍ତାନ ଠାରୁ ହାରିଲା ଭାରତ



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): 'ଏସିସି ପୁରୁଷ ଅଞ୍ଚଳ ୧୯ ଏସିଆ କପ୍ ୨୦୨୬'ରେ ଆଜି ଖେଳା ଯାଇଥିବା ଏକ ମ୍ୟାଚରେ ପାକିସ୍ତାନ ଠାରୁ ପରାସ୍ତ ହୋଇଛି ଭାରତୀୟ ଦଳ। ୩। ଷ୍ଟିକେଟରେ ଭାରତକୁ ହରାଇଛି ପାକିସ୍ତାନ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୪୬.୩। ଓଭରରେ ସମସ୍ତ ୱିକେଟ ହରାଇ ୨୦୮ ରନ୍ ସଂଗ୍ରହ କରିଥିଲା। ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଦଳ ହରାଇଥିଲା ପ୍ରଥମ ୱିକେଟ। ଅଧିନାୟକ ଏଲ ଆୟୁବଦ୍ଦାନି ଶୂନରେ ଆଉଟ୍ ହୋଇଥିଲେ। ୧୬.୪ ଓଭର ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ମାତ୍ର ୪୨ ରନ୍ କରିଥିଲା। ଅର୍ଜୁନ ରାଜପୁତଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଲମ୍ବା ଇନିଂସ ଖେଳି ପାରିନଥିଲେ। ସେ ୮୫ଟି ବଲରୁ ୧୧ ଚୌକା ଓ ୫ ଚକା ସହିତ ୧୦୭ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଅନ୍ୟପକ୍ଷରେ ୧୦୮ ରନ୍ ବିଜୟ ଲକ୍ଷ୍ୟକୁ ପାକିସ୍ତାନ ୪୮.୧ ଓଭରରେ ୮ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଏକ ଜହୁର ୧୦୦ ରନ୍ କରିଥିବା ବେଳେ ହସନୈନ ଦାର ୩୮ ରନ୍ କରିଥିଲେ। ଦଳ ୧୪.୪ ଓଭରରେ ୫ ୱିକେଟ ହରାଇ ଥିଲା। ତେଣୁ ଭାରତର ବିଜୟ ସମ୍ଭାବନା ରହିଥିଲା। କିନ୍ତୁ ତା ପରେ ୩୮ ଓଭର ପର୍ଯ୍ୟନ୍ତ ୩ ୱିକେଟ୍ ପଡ଼ିନଥିଲା। ସେତେବେଳକୁ ବଢ଼ାୟ ଝୋର ୧୬୮ ରନରେ ପହଂଚିଥିବା ବେଳେ ଆଉଟ୍ ହୋଇଥିଲେ ହସନୈନ ଦାର। କିନ୍ତୁ ଏତ ଜହୁର ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଓ ଦଳକୁ ବିଜୟୀ କରାଇଥିଲେ।

ଭାରତ ସହ ମ୍ୟାଚ୍ ନାହିଁ: ୨୦୨୬ରେ ୬୨୬ କୋଟି କ୍ଷତି ସହିବ ଇଂଲଣ୍ଡ କ୍ରିକେଟ୍



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): ଆର୍ଥିକ ସ୍ଥିତିର ସାମ୍ନା କରିପାରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ବା ଇସିବି। ଏହି କ୍ରିକେଟ ବୋର୍ଡକୁ ୨୦୨୬ରେ ସହିବାକୁ ପଡ଼ିପାରେ ୬୨୬ କୋଟି ଟଙ୍କାର କ୍ଷତି। ୨୦୨୬ରେ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଘରୋଇ ମାଟିରେ ପ୍ରସିଦ୍ଧ ଆଶେଜ ସିରିଜ ଖେଳିବ। କିନ୍ତୁ ଚଳିତ ବର୍ଷ ଭାରତ ସହ ଇଂଲଣ୍ଡ କ୍ରିକେଟ ଟିମର ଗୋଟିଏ ଟେଷ୍ଟ ବି ଦ୍ୱିପାକ୍ଷିକ ସିରିଜ ନାହିଁ। ଭାରତ ସହ ମ୍ୟାଚ୍ ନଥିବାରୁ ଇଂଲଣ୍ଡ କ୍ରିକେଟ ବୋର୍ଡ ଆଶେଜ ସିରିଜ ସତ୍ତ୍ୱେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ଯାଉଛି। ଭାରତ ଗସ୍ତ ନଥିବା ବେଳେ ଆଇସିସି ମଧ୍ୟ ଇଂଲଣ୍ଡ କ୍ରିକେଟକୁ ଦେଉଥିବା ରାଜସ୍ୱ ହ୍ରାସ କରିବାର ମଧ୍ୟ ସମ୍ଭାବନା ରହିଛି। ଏଥିଯୋଗୁ ଇଂଲଣ୍ଡ କ୍ରିକେଟ ବୋର୍ଡର ଚିନ୍ତା ବଢ଼ି ଯାଇଛି। ଇସିବିର ସମ୍ଭାବ୍ୟ ଆର୍ଥିକ କ୍ଷତି ପଛରେ ରହିଛି ଦୁଇଟି ପୃଥକ ପୃଥକ କାରଣ ରହିଥିବା ରିପୋର୍ଟ ପ୍ରକାଶ ପାଇଛି।

ପ୍ରଥମଟି ହେଉଛି ପ୍ରସାରଣ ଅଧିକାରକୁ ନେଇ ଇସିବି କଲୁଥିବା ଆୟ। ଭାରତୀୟ କ୍ରିକେଟ ଟିମର ଇଂଲଣ୍ଡ ଗସ୍ତ ଉପରେ ପ୍ରସାରଣ ଆୟର ସିଂହଭାଗ ନିର୍ଭର କରିଥାଏ। କିନ୍ତୁ ୨୦୨୬ରେ ଭାରତୀୟ କ୍ରିକେଟ ଟିମ ଇଂଲଣ୍ଡ ଗସ୍ତରେ ଯିବାର କୌଣସି କାର୍ଯ୍ୟକ୍ରମ ନାହିଁ। ତେଣୁ ଇସିବି ଏହି ଦୁଇଟି ପାଉଥିବା ସବୁଠାରୁ ଅଧିକ ଟଙ୍କା ହରାଇବ। ଆଇସିସି ନେଇଥିବା ଗୋଟିଏ ନିଷ୍ପତ୍ତି ଏବେ ଇସିବି ଆଗରେ ଦ୍ୱିତୀୟ ସମସ୍ୟା ଭାବେ ଉଭା ହୋଇଛି। ୨୦୨୬ରେ ସଦସ୍ୟ ଦେଶଗୁଡ଼ିକୁ ପ୍ରସାରଣ ରାଜସ୍ୱ ବାବଦରେ ବିଆରାଯାଉଥିବା କିଛି ଅଂଶକୁ ଆଇସିସି ନିଜ ପାଖରେ ରଖିବାକୁ ଘୋଷଣା କରିଛି। ଏହାଦ୍ୱାରା ଆଇସିସିର ସମସ୍ତ ୧୨ ପୂର୍ଣ୍ଣସଦସ୍ୟ ସଦସ୍ୟ ଦେଶ ପ୍ରଭାବିତ ହେବେ। ଏହିକ୍ରମରେ ଇସିବି ଆର୍ଥିକ ସ୍ଥିତି ମଧ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ୨୦୨୫ରେ ଇସିବି ୧୨.୬ ନିୟୁତ ପାଉଣ୍ଡ ଲାଭ କରିଥିଲା। କିନ୍ତୁ ୨୦୨୬ରେ ଇସିବି ଆକଳନ ଠାରୁ ଅଧିକ ଆର୍ଥିକ କ୍ଷତି ସହିପାରେ। ଏପରି ଏକ ସ୍ଥିତିରେ ନିଜର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଇସିବି ପକ୍ଷରୁ ଆଇସିସି ସହ ଆଲୋଚନା କରାଯାଇଛି। କ୍ଷତି ପରିମାଣରୁ ଇସିବି ପ୍ରାୟ ୪୩୯ କୋଟି ଟଙ୍କା ମଧ୍ୟରେ ସାମିଲ ରଖିବାକୁ ଉଦ୍ୟମ କରୁଛି।

ବ୍ରାଜିଲିଆନ୍ ଗ୍ରାଁ ପ୍ରି ଜିତିଲେ ନୋରିସ୍



ସାଓ ପାଓଲୋ, ୯/୧୧(ନ୍ୟୁ.ଏ): ମ୍ୟାକ୍‌ଲରେନ୍ ଡ୍ରାଇଭର ଲାଣ୍ଡୋ ନୋରିସ୍ ଏଠାରେ ଅନୁଷ୍ଠିତ ବ୍ରାଜିଲିଆନ୍ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ରବିବାର ସ୍ପ୍ରାଣ୍ଟ ସଂଟରଲାଗୋସ୍ ସର୍କିଟ୍‌ରେ ପୋଲ୍ ପୋଜିସନ୍‌ରୁ ରେସ୍ ଆରମ୍ଭ କରିଥିବା ନୋରିସ (୧:୩୫:୨୩.୫୦୪ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଓ ଅସାଜ ଆଜାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଗତ ସପ୍ତାହରେ ଚଳିତ ଋତୁର ଫର୍ମୁଲା ୱାନ୍ ଡ୍ରାଇଭର ମୁକୁଟ ନିଶ୍ଚିତ କରିଥିବା ମର୍ସିଡଜ୍‌ର ଜିମି ଆଟ୍‌ଟାନିଲ ଟଂଚମ ଓ ତାଙ୍କ ସାଥୀ ଜର୍ଜ ରସେଲ୍ ବତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ମର୍ସିଡିଜ୍ (୬୫୨ ପଏଂଟ୍) ୨୦୨୧ ପରେ ପ୍ରଥମ ଏବଂ ମୋଟ ଉପରେ ନବମ ଥର ଲାଗି ଫର୍ମୁଲା ୱାନ୍ 'କନ୍‌ଷ୍ଟ୍ରକ୍ଟର୍ସ' ମୁକୁଟ କରାୟତ କରିଥିଲା। ଫେରାରି (୫୧୦ ପଏଂଟ୍) ଦ୍ୱିତୀୟ ସ୍ଥାନରେ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାକୁ ବ୍ରାଜିଲର ଫୁଟ୍‌ବଲ୍ ତାରକା ନେମାର ପଚାରା ଦେଖାଇ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ଗ୍ରାଁ ପ୍ରି ୨୧ ତାରିଖରେ ଲାସ୍ ଭେଗାସରେ ଆୟୋଜିତ ହେବ।

ନ୍ୟୁଜିଲାଣ୍ଡ ବିପକ୍ଷ ହକି ଶୃଙ୍ଖଳା: ଭାରତୀୟ ଯୁବ ଦଳରେ ଓଡ଼ିଶାରୁ ୩



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କ୍ରୀଡ଼ା ସମ୍ପର୍କ ଶତବାର୍ଷିକୀ ପାଳନ ଅବସରରେ ଉଭୟ ଦେଶର ଯୁବ ହକି ଦଳକୁ ନେଇ ଅକ୍‌ଲାଣ୍ଡରେ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ହକି ଶୃଙ୍ଖଳା ଖେଳାଯିବ। 'ସେଂଚୁରି ଅଫ୍ ଫ୍ରେଣ୍ଡଶିପ୍ ଯୁନିଟି' କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ହେଉଛି ଥିବା ଏହି ମ୍ୟାଚଗୁଡ଼ିକ ଚଳିତ ମାସ ୧୯, ୨୧ ଓ ୨୨ ତାରିଖରେ ଖେଳାଯିବ। ଏଥିରାଗି ମଙ୍ଗଳବାର ୨୦ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏହି ଯୁବ ଦଳରେ ଓଡ଼ିଶାର ୩ ଜଣ ନାମୀ ପଞ୍ଚାପ ଖେଳି, ଅନମୋଲ ଏକ୍କା, ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱ ରାଜ ଅରିଜିତ କାଂଫ୍ୟା ଦିଉଚା ଦଳର ସଦସ୍ୟ ଥିବା ସଞ୍ଜୟଙ୍କୁ ମିଳିଛି। ସୂଚନାଯୋଗ୍ୟ ଯେ ୧୯୨୬ରେ ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତର ସେନା ହକି ଦଳ ପ୍ରଥମ ଥର ଲାଗି ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଏହା ଥିଲା ଯେକୌଣସି କ୍ରୀଡ଼ାରେ ଭାରତର ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ। ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କି କହିଛନ୍ତି, ''ଏହି ଗସ୍ତ କ୍ରୀଡ଼ା ବନ୍ଧୁତାର ଶତବାର୍ଷିକୀ ପାଳନ କରିବା ସହ ଯୁବ ଖେଳାଳିମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେବ'' ଭାରତୀୟ ଦଳ: ଗୋଲି- ମୋହିତ ଏଚ୍‌ପଏ, ପବନ, ବିପେଣ୍ଡର-ସଞ୍ଜୟ (ଅଧିନାୟକ), ନୀଳମ ସଞ୍ଜୀପ ଖେସ୍, ଶର୍ଦାନନ୍ଦ ତିୱାରୀ, ଡାଲେମ ଚିୟୁତ୍ତ, ଅନମୋଲ ଏକ୍କା, ଯଶଦୀପ ସିଦ୍ଧୁର, ମିଡ୍‌ଫିଲ୍ଡର- ଅଙ୍କତ ଜୀତ ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ରବିଚନ୍ଦ୍ର ସିଂହ, ବିଶ୍ୱଜୀତ ସିଂହ, ମନମିତ ସିଂହ, ରୋଶନ କୁଜୁର, ଭେଙ୍କଟେଶ କେଟଂ, ଫରୱାର୍ଡ-ଅଜିତ ଯାଦବ, ଉତ୍ତମ ସିଂହ, ଜାର୍ଦୀ ସେନରାମ, ଅର୍ଶଦୀପ ସିଂହ, ଅଗାଇଚିନ ସିଂହ ହୁଣ୍ଡାଲ।

ରତାପର୍ଣ୍ଣାଙ୍କୁ ଲାଗାତାର କାଂସ୍ୟ



ଭୁବନେଶ୍ୱର: ଓଡ଼ିଶାର ଡାରକା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ରତପର୍ଣ୍ଣା ପଣ୍ଡା ଚଳିତ ମାସରେ ଲଗାତାର ୨ଟି ପ୍ରତିଯୋଗିତାରେ ୨ଟି କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଉଭୟ ପ୍ରତିଯୋଗିତାରେ ସେ ମିଶ୍ରିତ ଯୁଗଳ ବର୍ଗରେ ଏହି ପଦକ ଜିତିଥିଲେ। ରବିବାର ଉତ୍‌ପଯିତ ତେଲେଙ୍ଗାନା ଇଣ୍ଡିଆ ଇଂଟରନ୍ୟାସନାଲ୍ ବ୍ୟାଡମିଣ୍ଟାନାଲାରେ ୧୬-୨୧, ୧୬-୨୧ରେ ଏଜିନା ଡାଇଲେଟୋରା ଓ ରୋଡିଆନ୍ ଅଲିମୋଭଙ୍କୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ସେହିପରି ଏହା ପୂର୍ବ ସପ୍ତାହରେ ଜେଭିଏ ଡାଲମଣ୍ଡ ଜୁବଲି ଇଣ୍ଡିଆ ଇଂଟରନ୍ୟାସ୍‌ନାଲ୍ ଉତପର୍ଣ୍ଣା ଓ ତିରାଜ ମଧ୍ୟ ମେମିଫାଲାନାଲ୍‌ରେ ୧୧-୨୧, ୯-୨୧ରେ ଆଞ୍ଜେଲ ପୁନେରା ଓ ସି ଲାଲାଗାମସାଙ୍ଗାଙ୍କଠୁ ପାଇନାଲାଲ୍‌ରୁ ବଂଚିତ ହୋଇଥିଲେ ମଧ୍ୟ କାଂସ୍ୟ ପଦକ ହରାୟତ କରିଥିଲେ।

ନିର୍ବାଚନ କମିସନଙ୍କ ଉପରେ ବର୍ଷିଲେ ଶଶି ଥରୁର



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): ରାଜସ୍ଥାନ ରାଜ୍ୟ ନିର୍ବାଚନ କମିସନଙ୍କ ଦ୍ୱାରା ପଂଚାୟତ ନିର୍ବାଚନରେ ବ୍ୟବହୃତ ଭୋଟର ତାଲିକା ନେଇ କଂଗ୍ରେସ ନେତା ଶଶି ଥରୁର ପ୍ରଶ୍ନ ଉଠାଇଛନ୍ତି। ଏହି ଭୋଟର ତାଲିକାରେ ପ୍ରାୟ ୨ ଲକ୍ଷ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ ରହିଛି ଯେଉଁମାନଙ୍କୁ ଏଆଇଆରରେ ମୃତ ଘୋଷଣା କରାଯାଇଥିଲା। ଭୋଟରମାନଙ୍କୁ ରାଜ୍ୟ ନିର୍ବାଚନ କମିସନଙ୍କ ଭୋଟର ତାଲିକାରେ ଜାତିତ ଦର୍ଶାଯାଇଛି। ନିର୍ବାଚନ କମିସନଙ୍କ ଅକ୍ଷମତା ଏବଂ କଦାଚାର ସାମ୍ନା କଂଗ୍ରେସ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏସଆଇଆର ସମୟରେ ପ୍ରାୟ ୮ ଲକ୍ଷ ୭୫ ହଜାର ଲୋକଙ୍କୁ ମୃତ ଘୋଷଣା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରାଜସ୍ଥାନ ରାଜ୍ୟ ନିର୍ବାଚନ କମିସନ ସେମାନଙ୍କ ମଧ୍ୟରୁ ଏକ ଲକ୍ଷ ୮୨ ହଜାର ଭୋଟରଙ୍କୁ ଏଆଇଆରରେ ନାମହୀନ। ରାଜସ୍ଥାନ ନିର୍ବାଚନ କମିସନର ସଚିବ ରାକେଶ ଜମୀଲ ଅନୁଯାୟୀ, ସେମାନେ ବ୍ୟବହାର କରିଥିବା ଭୋଟର ତାଲିକା ଶେଷ ଥର ପାଇଁ ୧ ଜାନୁଆରି ୨୦୨୫ରେ ଅପଡେଟ୍ କରାଯାଇଥିଲା।

କାମରେ ବିଳମ୍ବ ହେଲେ କର୍ମଚାରୀଙ୍କୁ ଦେବାକୁ ହେବ ଜରିମାନା

ନୂଆଦିଲ୍ଲୀ, ୯/୧୧ (ନ୍ୟୁ.ଏ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏକ ବଡ଼ ଘୋଷଣା କରିଛନ୍ତି । ରାଜ୍ୟ ଅମଲାତନ୍ତ୍ରର ଦାୟିତ୍ୱ ବୃଦ୍ଧି କରିବା ଏବଂ ସାର୍ବଜନୀନ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ, ଦିଲ୍ଲୀ ସରକାର 'ଦିଲ୍ଲୀ (ନାଗରିକ ମାନଙ୍କୁ ସମୟାନୁସାରେ ଏବଂ ଶୀର୍ଷ ସେବା ପ୍ରଦାନ କରିବାର ଅଧିକାର) ଆଇନ, ୨୦୨୬' କୁ ଅଧିସୂଚିତ କରିଛନ୍ତି । ଏହି ନୂତନ ଆଇନର ବ୍ୟବସ୍ଥା ଅନୁଯାୟୀ, ଯେଉଁ ସରକାରୀ ଅଧିକାରୀ ମାନେ ସୁଯୁକ୍ତିଯୁକ୍ତ କାରଣ ବିନା ସାର୍ବଜନୀନ ସେବା ପ୍ରଦାନରେ ବିଳମ୍ବ କରନ୍ତି ସେମାନଙ୍କୁ ପ୍ରତିଦିନ ୨୫୦ ଟଙ୍କା ଜରିମାନା କରାଯିବ, ଯାହା ସର୍ବାଧିକ ୫୦୦୦ ଟଙ୍କା ଜରିମାନା ହୋଇପାରେ । ଯୋଜିଆଲ ମିଡିଆ ପ୍ଲାଟଫର୍ମ ର ତଥ୍ୟ ସୂଚନା ଅଧୀନ ରହି, ଦିଲ୍ଲୀ ସରକାର ବ୍ୟାଖ୍ୟା କରିଛନ୍ତି ଯେ ଏହି ଆଇନ ପ୍ରଶାସନିକ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରେ ଏବଂ ସ୍ପଷ୍ଟ ଭାବରେ ଉତରଦାୟିତ୍ୱର ଏକ ବ୍ୟବସ୍ଥା ପ୍ରଦାନ କରେ । ଦିଲ୍ଲୀ ସରକାର ଜ ରେ ଜାଳକ ପୋଷ୍ଟରେ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନେତୃତ୍ୱରେ ଦିଲ୍ଲୀ ସରକାର 'ଦିଲ୍ଲୀ (ସମୟରେ ଏବଂ ଦାପାବଳିକଙ୍କୁ ସୁଗମ ସେବା ପ୍ରଦାନ କରିବାର ଅଧିକାର) ଆଇନ, ୨୦୨୬'କୁ ଅଧିସୂଚିତ କରିଛନ୍ତି ।

ବିଷ ବଳୟରେ ରାଜଧାନୀ, ଷଡ଼ଯନ୍ତ୍ର ଗନ୍ଧ ବାରିଲା ବିଜେପି ସରକାର



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): ଦୀପାବଳି ପରେ ପ୍ରଖର ଶୀତଦରେ ପରିଣତ ହୋଇଛି ଦେଶର ରାଜଧାନୀ ଦିଲ୍ଲୀ । ରାଜଧାନୀ ଏବେ ଏକ ପ୍ରକାରର ବିଷ ବଳୟ ଦୋଇଯାଇଛି । ବାୟୁର ଗୁଣବତ୍ତା ଅତ୍ୟନ୍ତ ବିପଦଜନକ ସ୍ଥିତିରେ ପହଂଚି ଯାଇଛି । ପ୍ରଦୂଷଣ ସର୍ବାଧିକ ସ୍ତରରେ ଥିବା ବେଳେ କ୍ଷମତାସୀନ ବିଜେପି ଏହା ପଛରେ ଷଡ଼ଯନ୍ତ୍ରର ଗନ୍ଧ ପାଇଛି । ଦିଲ୍ଲୀର ମନ୍ତ୍ରୀ କପିଲ ମିଶ୍ର ଏପରି ସ୍ଥିତି ପାଇଁ ସିଧାସଳଖ ଆପ୍ ସରକାରରେ ଥିବା ପଞ୍ଜାବକୁ ଦାୟୀ କରିଛନ୍ତି । ତାଙ୍କ କହିବା କଥା ଯେ ପଞ୍ଜାବର ଚାଷୀମାନେ ଜମି ଗୁଡ଼ିଜରେ ଜାଳିଶୁଣି ନିଆଁ ଲଗା ଯାଇଛନ୍ତି । ଏଥିପାଇଁ ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇଛି । ଏହାପୂର୍ବରୁ ଆପ୍ ନେତା ସୌରଭ ଭରଦ୍ୱାଜ ଦିଲ୍ଲୀର କ୍ଷମତାସୀନ ବିଜେପି ସରକାର ଦାପାବଳି ରାତିରେ ବାୟୁର ଗୁଣବତ୍ତା ସୂଚକାଙ୍କରେ ହେଉଥିବା ଗରୁଆ ରଜି ଅରିଯୋଗ କରିଥିଲେ । ସେ ରାତି କରିଥିଲେ ଯେ ଦାପାବଳି ରାତିରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବାୟୁର ଗୁଣବତ୍ତା ୩ ହଜାର ଅତିକ୍ରମ କରିଥିଲା । ହେଲେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରାକୁ ବିଜେପି ସରକାର କମ କରି ଦେଖାଇଥିବା ଗରୁଡ଼ାଚ ଅରିଯୋଗ କରିଥିଲେ ।

ଏହାକୁ ଦିଲ୍ଲୀ ମନ୍ତ୍ରୀ କପିଲ ମିଶ୍ର ଜାଙ୍ଗଟର କରିଛନ୍ତି । ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହିତ କହିତ ଯୋକମାନେ ଜାଣୁଶୁଣି କ୍ଷେତରେ ନିଆଁ ଲଗାଉଥିଲେ । ଏବେ ଏଥିରେ ଆପ ନେତାମାନଙ୍କ ଭୂମିକାର ତଦନ୍ତ ହେବା ସପକ୍ଷରେ ସେ ମତ ଉଖୁଛନ୍ତି । ମିଶ୍ର କହିଛନ୍ତି ଯେ ପଞ୍ଜାବର ଚାଷୀମାନେ ତାଙ୍କୁ ଓ ଦିଲ୍ଲୀ ସରକାରଙ୍କ ଅନ୍ୟ ପ୍ରତିନିଧିମାନଙ୍କୁ କଲ୍ କରି ଦାପାବଳି ରାତିରେ ଚାଷ ଜମିରେ ନିଆଁ ଲଗାଯାଇଥିବା କଥା ଅଭିଯୋଗ କରିଛନ୍ତି । ସ୍ୟାଟେଲାଇଟ୍ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ନଭେମ୍ବର ୭ରେ ୧୨୫ଟି ଚାଷ ଜମିରେ ନିଆଁ ଲଗାଯାଇଥିଲା । ଦାପାବଳି ରାତିରେ ଏହି ସଂଖ୍ୟା ୧୨୦୦ରେ ପହଂଚିଥିଲା ।

ଦିଲ୍ଲୀବାସୀ ଓ ଚାଷୀଙ୍କ ବିରୋଧରେ ଏହା ଏକ ଗରୀବ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ଏଥିସହ ଶ୍ରୀ ମିଶ୍ରା ଘଟଣାର ତଦନ୍ତ କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି । ଆପ୍ ନେତାମାନେ ଗତ କରିଥିବା ଅଂଚଳରେ ଚାଷ ଜମିଗୁଡ଼ିକରେ ନିଆଁ ଲଗାଯାଇଛି । ତେଣୁ ଆପ୍ ନେତାମାନଙ୍କ ଫୋନ ରେକର୍ଡର ଯାଂଚ କରାଯାଉ । ଦାପାବଳିକୁ ଖରାପ ଦୋଇଯାଇଛି ମଧ୍ୟ ଶ୍ରୀ ମିଶ୍ର କହିଛନ୍ତି । ନଭେମ୍ବର ୮ରେ ପଞ୍ଜାବରେ ୧୧୫୨ଟି ନଡ଼ା ଜାଳିବା ଘଟଣା ଘଟିଥିଲା । ଏହା ଚଳିତ ଋତୁରେ ଗୋଟିଏ ଦିନରେ ସବୁଠାରୁ ଅଧିକ । ଏଥାକୁ ମିଶାଇ ଚଳିତ ବର୍ଷ ପଞ୍ଜାବରେ ୪୪୫୯ଟି ଚାଷ ଜମିରେ ନିଆଁ ଲଗାଯିବା ଘଟଣା ଘଟିଛି ।

ମଣିପୁରରେ ହେବନି ଜନଗଣନା, ହିଂସା ଯୋଗୁଁ ହାଇକୋର୍ଟ ଲଗାଇଲେ ସ୍ଥଗିତାଦେଶ



ନୂଆଦିଲ୍ଲୀ, ୯/୧୧(ନ୍ୟୁ.ଏ): ମଣିପୁରରେ ଜାତିଗତ ହିଂସା ଓ ଉଚ୍ଚ ପରିମାଣ ବିସ୍ଫୋରଣ ମଧ୍ୟରେ ଜନଗଣନା ୨୦୨୬କୁ ନେଇ ଆସିଛି ବଡ଼ ଖବର। ରାଜ୍ୟରେ ହେବାକୁ ଥିବା ଜନଗଣନା ପ୍ରକ୍ରିୟା ଉପରେ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ରୋକ୍ ଲଗାଇଛନ୍ତି ମଣିପୁର ହାଇକୋର୍ଟ। ମୁଖ୍ୟ ବିଚାରପତି ଏମ୍. ସୁନ୍ଦରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜେଲ୍ ସରକାର ଏବଂ ଡେପୁଟି କମିଶନର ଜେନେରାଲ୍ ଓ ସେନ୍ସସ୍ କମିଶନରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣନା ଆରମ୍ଭ ପୂର୍ବରୁ ଆସିଥିବା ସମସ୍ତ ଆପତ୍ତି ଓ ଆବେଦନର ବିଚାର କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ବୃତ୍ତାନ୍ତ ନିଷ୍ପତ୍ତି ନେବାକୁ କୋର୍ଟ କହିଛନ୍ତି। ଚାଙ୍ଗରେଇପାକ ଖୁଟେଂଟସ୍ ଅପୋସିଏସନ୍ (କଏଇ), ଇଂଟରନ୍ୟାସନାଲ୍ ପିସ୍ ଆଣ୍ଡ ସୋସିଆଲ୍ ଆଡଭାନ୍ସମେଂଟ ସମେତ ଅନ୍ୟ ପକ୍ଷଙ୍କ ଦ୍ୱାରା ଦାଖଲ ଯାଚିକାର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଯାଚିକାରେ ମଣିପୁରରେ ହୋଇଥିବା ହିଂସା ପରେ ଜନସଂଖ୍ୟାରେ ପରିବର୍ତ୍ତନ ଏବଂ ଲୋକଙ୍କ ବିସ୍ଥାପନକୁ ନେଇ ଚିନ୍ତା ପ୍ରକାଶ କରାଯାଇଛି। ହିଂସାରେ ହଜାର ହଜାର ଘ